R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୫
ତିଥି : ତ୍ରୟୋଦଶୀ
୩୦ ଅକ୍ଟୋବର ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

### ଓଡ଼ିଶାର ୩ ପ୍ରକଳ୍ପ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

## ବିଶ୍ୱରେ ପ୍ରଧାନମନ୍ତ୍ରୀଙ୍କ ଲାଗି ଯୋଗର ଲୋକପ୍ରିୟତା ବଢ଼ିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣା ଠାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଙ୍ଗ ଲାବୋରେଟୋରୀର ଉଦ୍‌ଘାଟନ କରିଥିବା ବେଳେ, ଖୋର୍ଦ୍ଧା ଜିଲ୍ଲା ବିଞ୍ଝଗିରି ଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ସହିତ ବରଗଡରେ ଏକ କ୍ରିଟିକାଲ୍ କେୟାର ସେଣ୍ଟରର ଉଦ୍‌ଘାଟନ ମଧ୍ୟ କରିଛନ୍ତି । ଏହି ସବୁ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀଠାରେ ଆଭାସୀ ଜରିଆରେ ଶୁଭାରମ୍ଭ କରିଛନ୍ତି ।




ଏହି ଅବସରରେ ଗୋଠପାଟଣା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଏହି ଡ୍ରଗ ଟେଷ୍ଟିଙ୍ଗ ଲାବୋରେଟୋରୀ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଥିବା ଭଲପାଇବାର ନିଦର୍ଶନ । ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ଆମ ରାଜ୍ୟ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରୟୋଗଶାଳାର ସ୍ଥାପନା ଦ୍ୱାରା ଭେଷଜ ପରୀକ୍ଷା ଓ ମାନ ନିୟନ୍ତ୍ରଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହା ପୂର୍ବରୁ ଆମକୁ ଔଷଧର ମାନ ପରୀକ୍ଷଣ ପାଇଁ ରାଜ୍ୟ ବାହାରର କେନ୍ଦ୍ରୀୟ ପ୍ରୟୋଗଶାଳା ଉପରେ ନିର୍ଭର କରିବାକୁ ପଡୁଥିଲା କିନ୍ତୁ ଏବେ ଆମ ହାତ ପାଆନ୍ତାରେ ଏହି ପ୍ରୟୋଗଶାଳା ହେବା ଦ୍ୱାରା ସମୟ ବଂଚିବା ସହିତ, ତ୍ୱରାନ୍ୱିତ ଭାବେ ଆମେ ଔଷଧର ମାନ ପରୀକ୍ଷଣ କରି ତା'ର ରିପୋର୍ଟ ପାଇ ପାରିବା ଯାହାକି ଆମର ସାଧାରଣ ଜନତାଙ୍କୁ ଅଧିକ ମାତ୍ରାରେ ଉପକୃତ କରିବ । ଏତଦ୍ୱାରା ଆମ ରାଜ୍ୟରେ ଉନ୍ନତମାନର ଔଷଧର ବିତରଣକୁ ପ୍ରୋତ୍ସାହନ ମିଳିବ । ଏହା ଆମ ପାଇଁ ବହୁତ ଗର୍ବର ବିଷୟ । ଏହି ପ୍ରୟୋଗଶାଳା ଆମ ରାଜ୍ୟରେ ଥିବା ଓଡିଶା ସରକାରଙ୍କର ପ୍ରୟୋଗଶାଳା ଉପରେ ପରୀକ୍ଷଣର ଚାପକୁ ଦୂର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆମ ଓଡିଶା ମାଟିରୁ ସମଗ୍ର ଦେଶକୁ ସେବା ଦେବାପାଇଁ ସୁଯୋଗ ମିଳିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରସରକାରଙ୍କୁ ଅନେକ ଧନ୍ୟବାଦ ଦେବା ସହ ସମସ୍ତ ଓଡିଶାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମୋଦୀ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି । ଆୟୁଷ୍ମାନ ଭାରତ ପୃଥିବୀର ସବୁଠାରୁ ବୃହତ୍ତମ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହାଦ୍ୱାରା ପ୍ରାୟ ୫୦ କୋଟି ଗରିବ ଲୋକେ ଉପକୃତ ହେଉଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ଆମ ସରକାର ଖୁବ୍ ଶୀଘ୍ର 'ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି । ଏହା ସହିତ ଆମ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ଯୋଜନା 'ଗୋପବନ୍ଧୁ ଜନ ଆରୋଗ୍ୟ' ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ ।

ଦୀପାବଳି ଭେଟି ଭାବେ ବର୍ତ୍ତମାନ ଧନୀ ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ନାଗରିକମାନେ ମଧ୍ୟ ଏହି ସୁବିଧା ପାଇବାକୁ ଯାଉଛନ୍ତି । ଏହା ହେଉଛି ଦେଶର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ପ୍ରତି ମୋଦୀଜୀଙ୍କ ଦୀପାବଳି ଭେଟି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଦୁଇଟି ଯୋଜନାର ସମନ୍ୱୟରେ ରାଜ୍ୟବାସୀ ଚିକିତ୍ସା ଚିନ୍ତାରୁ ମୁକ୍ତ ହେବେ । ଏହି ଦୁଇଟି ଯୋଜନା ପାଇଁ ରାଜ୍ୟ ବଜେଟ୍‌ରେ ୩ ହଜାର ୫୫୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଟୀକାକରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ୟୁ-ୱିନ୍ ପୋର୍ଟାଲ, ଦେଶର ଦୁର୍ଗମ ଅଞ୍ଚଳକୁ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଡ୍ରୋନ୍ ସେବା ବ୍ୟବସ୍ଥା, ଆନୁଷଙ୍ଗିକ ସ୍ୱାସ୍ଥ୍ୟସେବା କ୍ଷେତ୍ରର ପ୍ରଫେସନାଲ୍ ମାନଙ୍କ ପାଇଁ ଡିଜିଟାଲ ଇନିସିଏଟିଭ୍ ଏବଂ ଆହୁରି ଅନେକ ଯୋଜନାର ମଧ୍ୟ ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । (୯ ପୃଷ୍ଠାରେ)

### ଭୁବନେଶ୍ୱରରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଙ୍ଗ ଲାବୋରେଟୋରୀ
### ଖୋର୍ଦ୍ଧାରେ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନ
### ବରଗଡରେ କ୍ରିଟିକାଲ୍ କେୟାର ସେଣ୍ଟର

## ଦୀପାବଳିରୁ ଥଣ୍ଡା ପଡ଼ିବ

### ଆଜି ଉତ୍ତରରେ ହାଲୁକା ବର୍ଷା

ଭୁବନେଶ୍ୱର, ୨୯।୧୦ (ସବ୍ୟୁ) : ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ଆଂଶିକ ମେଘୁଆ ସହିତ କାଁଭାଁ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବାର ସମ୍ଭାବନା ରହିଛି । ତେବେ ୩୧ ତାରିଖରୁ ଉତ୍ତର ଭାରତରୁ ଥଣ୍ଡା ପବନ ବୋହିବ । ଏମିତି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ଉତ୍ତର ଆଭ୍ୟନ୍ତରରେ ଆସନ୍ତାକାଲି କେତେକ ସ୍ଥାନରେ ହାଲୁକା ବର୍ଷା ହୋଇପାରେ । ଗୁରୁବାର ପଶ୍ଚିମ ଓ ଉତ୍ତର-ପଶ୍ଚିମ ଓଡ଼ିଶାରେ ମେଘୁଆ ପାଗ ସହିତ ହାଲୁକା ବର୍ଷା ହେବ । ଗୁରୁବାରରୁ ସୋମବାର ମଧ୍ୟରେ ରାତିର ତାପମାତ୍ରା ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଖସିପାରେ ।

ଭୁବନେଶ୍ୱର ସମେତ ଉପକୂଳ ଜିଲ୍ଲାରେ ଦିପାବଳୀ ଦିନ ଅର୍ଥାତ ୧ ତାରିଖରେ ସ୍ୱଳ୍ପ ବର୍ଷା ହୋଇପାରେ । ଦିପାବଳୀ ରାତିରୁ ୫ ତାରିଖ ଯାଏ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ସେଲସିୟସ ହ୍ରାସ ପାଇବ । ଆସନ୍ତା ତିନିଦିନ ପର୍ଯ୍ୟନ୍ତ ସକାଳେ ହାଲୁକା କୁହୁଡ଼ିଆ ସହିତ ଶିଶିର ବଢ଼ିବ ।

ଦକ୍ଷିଣ ଆଭ୍ୟନ୍ତରରେ ଗୁରୁବାର ରାତିରୁ ପରବର୍ତ୍ତୀ ତିନିଦିନ ମଧ୍ୟରେ ରାତି ତାପମାତ୍ରା ପ୍ରାୟ ୪ ଡିଗ୍ରୀ ଯାଏ କମିପାରେ । ମଝିରେ ମଝିରେ ଝିପିଝିପି ବର୍ଷା ଓ ତାପମାତ୍ରା କମିନଥିବାରୁ ଧାନ ଫସଲରେ ଚକଡ଼ା ପୋକର ପ୍ରାଦୁର୍ଭାବ ବଢ଼ିବାର ସମ୍ଭାବନା ରହିଛି । ଏହା ସହିତ ରବି ମୁଗ, ବିରିରେ ପାଉଁଶିଆ ରୋଗ ହୋଇପାରେ । ସମୁଦ୍ର ପାଣି ମାଡ଼ି ଯାଇଥିବା ସ୍ଥାନରେ ବୁଟ ଓ ରାଶି ଲଗାନ୍ତୁ । ନିକଟସ୍ଥ କୃଷି ବିଭାଗ ଅଫିସରୁ ଆବଶ୍ୟକ ସାହାର୍ଯ୍ୟ ନିଅନ୍ତୁ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି ।

## ଦିଲ୍ଲୀ-ମହାରାଷ୍ଟ୍ର ସମେତ ୭ ରାଜ୍ୟରେ ବାଣଫୁଟା ଉପରେ କଟକଣା

ନୂଆଦିଲ୍ଲୀ, ୨୯।୧୦ : ଦିଲ୍ଲୀ-ମହାରାଷ୍ଟ୍ର ସମେତ ୭ ରାଜ୍ୟରେ ଫଟକା ଫୁଟାଇବା ଉପରେ କଟକଣା ଜାରି କରାଯାଇଛି । ଦିୱାଲିରେ ଏଭଳି ବାଣ ନ ଫୁଟାଇବା ପାଇଁ କୁହାଯାଇଛି । ଆଗକୁ ଶୀତ ଋତୁ ଆସୁଥିବାରୁ ପ୍ରଦ୍ୟୁଷଣ ସ୍ତର ବଢ଼ିବାର ଆଶଙ୍କାକୁ ଏଡାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି । ପ୍ରଦୂଷଣ ପାଇଁ ଚିନ୍ତା ପ୍ରକଟ କରାଯାଇ ଦିଲ୍ଲୀ, ପଞ୍ଜାବ, ହରିୟାଣା, ତାମିଲନାଡୁ, ମହାରାଷ୍ଟ୍ର, କର୍ଣ୍ଣାଟକ, ବିହାର ସମେତ ୭ ରାଜ୍ୟରେ ବାଣଫୁଟାକୁ ନିଷିଦ୍ଧ କରାଯାଇଛି । ଦିଲ୍ଲୀ, ପଞ୍ଜାବ, ହରିୟାଣା, ତାମିଲନାଡୁରେ ଏହି ଉତ୍ସବ ପାଳନ ଅବସରରେ ବାୟୁର ମାତ୍ରା ହ୍ରାସ ପାଇଥାଏ । ବିଶେଷକରି ଫଟକା ଫୁଟାଇବା ଆଇନ୍‌କୁ ଏଥିରେ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥାଏ । ଦିଲ୍ଲୀରେ ଶୀତଋତୁ ଆରମ୍ଭରେ ବାୟୁର ଗୁଣାତ୍ମକ ମାନରେ ପରିବର୍ତ୍ତନ ଘଟିଥାଏ । ସେଥିପାଇଁ ଦିଲ୍ଲୀ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଏଭଳି ବାଣ ପ୍ରସ୍ତୁତି, ଗଚ୍ଛିତ ଓ ବିକ୍ରି ଉପରେ ୨୦୨୫ ଜାନୁଆରୀ ୧ ଯାଏ ନିଷିଦ୍ଧାଦେଶ ଜାରି କରିଛନ୍ତି ।

କେବଳ ସବୁଜ ଫଟକାଗୁଡ଼ିକ ଫୁଟାଇଯାଇ ପାରିବ । ଯାହା କମ୍ କ୍ଷତିକାରକ । ତାହା ପୁଣି ସନ୍ଧ୍ୟା ୮ଟାରୁ ୧୦ଟା ମଧ୍ୟରେ କେବଳ ଦିପାବଳୀ ସମୟରେ ଫୁଟିବା ପାଇଁ ଅନୁମତି ଦିଆଯାଉଥିବାବେଳେ ଗୁରୁପର୍ବ, ଖ୍ରୀଷ୍ଟମାସ ଓ ନୂଆବର୍ଷ ସମୟରେ ମଧ୍ୟ ଅନ୍ୟ ସମୟ ରହିଛି । ବିହାରରେ ଏଭଳି ବିଷାକ୍ତ ବାଣ ଫୁଟାକୁ ନିଷିଦ୍ଧ କରାଯାଇଛି । ସମସ୍ତ ପ୍ରକାର ଫଟକାକୁ ଫୁଟାଇବା ପାଇଁ ବନ୍ଦ କରାଯାଇଛି । ମହାରାଷ୍ଟ୍ର ମଧ୍ୟ ସମାନ ନିୟମ ଲାଗୁ କରିଛି । ୩୦% କମ୍ ପ୍ରଦ୍ୟୁଷଣ କରୁଥିବା କେବଳ ସବୁଜ ଫଟକା (୯ ପୃଷ୍ଠାରେ)

## ପଡ଼ିଆରେ ବଣୁଆ ହାତୀ ଖେଳିଲା ଫୁଟବଲ

କେନ୍ଦୁଝର, ୨୯।୧୦ (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ଚମ୍ପୁଆ ବର୍ଦ୍ଧନା ଜଙ୍ଗଲ ନିକଟରେ ଦେଖିବାକୁ ମିଳିଛି ଏକ ଅପୂର୍ବ ଦୃଶ୍ୟ । ଗୋଟିଏ ବଣୁଆ ଦନ୍ତାହାତୀ ଜଙ୍ଗଲାରୁ ବାହାରି ନିକଟରେ ଥିବା ପଡ଼ିଆକୁ ଆସିଥିଲା । ସେଠାରେ ପିଲାଙ୍କଠାରୁ ଫୁଟବଲ ନେଇ କିକ୍ ମାରିଥିଲା । ପ୍ରାୟ ୪୦ ମିନିଟ୍ ଧରି ହାତୀ ପଡ଼ିଆର ଏ ମୁଣ୍ଡରୁ ସେ ମୁଣ୍ଡକୁ ବଲ୍ ଗଡ଼ାଇ ଥିଲା । ଆଉ



ଦେଖଣାହାରି ସାଜିଥିଲେ ପିଲା। ଚମ୍ପୁଆ ରେଞ୍ଜ ବର୍ଦ୍ଧନା । ଜଙ୍ଗଲରେ ଏବେ ଅଛନ୍ତି ୩୨ ଟିକିଆ ହାତୀ ପଲ । ଦୁଇ ଦିନ ତଳେ ଅପରାହ୍ନ ପ୍ରାୟ ୩ଟା ବେଳେ ଜଙ୍ଗଲ ପାର୍ଶ୍ୱ ପଡ଼ିଆରେ କିଛି ପିଲା ଫୁଟବଲ ଖେଳୁଥିଲେ । ଠିକ୍ ସେହି ସମୟରେ ଜଙ୍ଗଲରେ ଥିବା ଗୋଟିଏ ଦନ୍ତା ପଡ଼ିଆ ଭିତରକୁ ଆସିଥିଲା । ହାତୀକୁ ଦେଖି ପିଲାମାନେ ଭୟଭୀତ ହୋଇ ଫୁଟବଲ ଛାଡ଼ି (୯ ପୃଷ୍ଠାରେ)

### କଂଗ୍ରେସକୁ ଇସିଆଇଙ୍କ ତାଗିଦ୍

## ଭିତ୍ତିହୀନ ଅଭିଯୋଗରୁ ଦୂରେଇ ରୁହ

ନୂଆଦିଲ୍ଲୀ, ୨୯।୧୦ : କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳ ଉପରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ବର୍ଷିଛନ୍ତି । ଏହି ଦଳଗୁଡ଼ିକ ଭିତ୍ତିହୀନ ଓ ଉତ୍ତେଜନା ସୃଷ୍ଟିକାରୀ ଅଭିଯୋଗ ଉଠାଇବାରେ ଦୂରେଇ ରୁହନ୍ତୁ ବୋଲି କହିଛନ୍ତି । ନିର୍ବାଚନ ସମୟ ଓ ଗଣତି ସମୟରେ ଏଭଳି ଅଭିଯୋଗ ଉଠାନ୍ତୁ ନାହିଁ । ଏହାଛଡା ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ ପକ୍ଷରୁ ଯେଉଁ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା ତାହାକୁ ଇସିଆଇ ଖାରଜ କରିଛନ୍ତି ।

କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକୁ ଇସିଆଇ କହିଛନ୍ତି ଯେ ଘଡ଼ିସନ୍ଧୀ ସମୟରେ ଏଭଳି ଭିତ୍ତିହୀନ ଓ ଉତ୍ତେଜନା ସୃଷ୍ଟିକାରୀ ନିବୃତ୍ତିରୁ ଦୂରେଇ ରୁହନ୍ତୁ । କାରଣ ଏହା (୯ ପୃଷ୍ଠାରେ)

## ୭ରୁ ୯ଟା ଯାଏ ଫୁଟିବ ବାଣ

ଭୁବନେଶ୍ୱର, ୨୯।୧୦ (ସବ୍ୟୁ) : ଦୀପାବଳିକୁ ଆଖିରେ ରଖି ଦୈତନଗରୀ କଟକ-ଭୁବନେଶ୍ୱରରେ ୭ଟି ଅତିରିକ୍ତ ଫାୟାର ଷ୍ଟେସନ କରାଯାଇଥିବା ଚିଫ୍ ଫାୟାର ଅଫିସର ଦେବେନ୍ଦ୍ର ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ୭ଟାରୁ ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ଧର୍ମାନୁଷ୍ଠାନ, କୋର୍ଟ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ପ୍ରଭୃତି ସମ୍ବେଦନଶୀଳ ସ୍ଥାନଠାରୁ ୧୦୦ ମିଟର ଦୂରରେ ବାଣ ଫୁଟାଇବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ଦେଇଛି । ୧୨୫ଡେସିମିଲିରୁ ଅଧିକା ଶବ୍ଦ ହେଉନଥିବା ବାଣ ଫୁଟାଇବାକୁ ଅନୁମତିରେ କୁହାଯାଇଛି । ପାର୍କ ଓ ସାଇଲେନ୍ସ ଜୋନ୍‌ରେ ବାଣ ଫୁଟାକୁ ବାରଣ କରାଯାଇଛି । ୧୦ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଶବ୍ଦଯୁକ୍ତ ବାଣ ଦେବାକୁ ମଧ୍ୟ ଗାଇଡ୍‌ଲାଇନ୍‌ରେ ମନା କରାଯାଇଛି ।

ଦୀପାବଳିରେ ଅଘଟଣକୁ ଦୃଷ୍ଟିରେ ରଖି ଓଡ଼ିଶା ଅଗ୍ନିଶମ ବାହିନୀ ଏହି ପଦକ୍ଷେପ ନେଇଛି । ୧୧୨କୁ ଫୋନ୍ କଲେ (୯ ପୃଷ୍ଠାରେ)

## ବିପର୍ଯ୍ୟୟ ମୁକାବିଲା କରିବାକୁ ଆମେ ସକ୍ଷମ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦ (ସବ୍ୟୁ) : ପ୍ରାକୃତିକ ବିପର୍ଯ୍ୟୟ ଆଜି ଆମ ସହଚର ପାଲଟିଛି । ଆମ ପାଖରେ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଅତ୍ୟାଧୁନିକ ଉପକରଣ ସବୁ ରହିଛି । ଆଜି ଓଡିଶା ସରକାର ଯେତେ ବିପର୍ଯ୍ୟୟ ଆସିଲେ ମଧ୍ୟ ତାକୁ ମୁକାବିଲା କରିବା ପାଇଁ ସକ୍ଷମ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଆଜି ଭୁବନେଶ୍ୱର ଠାରେ ଆୟୋଜିତ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ୨୦୨୪ ଅବସରରେ କହିଛନ୍ତି ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ୧୯୯୯ ମହାବାତ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ଯୋଗୁ ଯେଉଁ ସବୁ ମୂଲ୍ୟବାନ ଜୀବନହାନୀ ହୋଇଛି, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ଗତ ସପ୍ତାହରେ ଆମ ରାଜ୍ୟ ବାତ୍ୟା 'ଦାନା'ର ସମ୍ମୁଖୀନ ହୋଇଥିଲା । ଏହି ବାତ୍ୟାରେ ୧୧ଟି ଜିଲ୍ଲାର ୬୦୦୦ରୁ ଅଧିକ ଗାଁ ଓ ସହରାଞ୍ଚଳ ପ୍ରଭାବିତ ହୋଇଥିଲା । ସୁଦୃଢ ପ୍ରାକପ୍ରସ୍ତୁତି ଏବଂ ଟିମ୍ ୱାର୍କ ଯୋଗୁ ଆମେ ପ୍ରାୟ ୮ ଲକ୍ଷ (୯ ପୃଷ୍ଠାରେ)

### ନିର୍ମାଣ ହେବ ଅତ୍ୟାଧୁନିକ ପ୍ରାକୃତିକ ବିପର୍ଯ୍ୟୟ କେନ୍ଦ୍ର
### ପ୍ରତି ଗାଁରେ ରହିବ ରେସ୍‌ପନ୍ସ ଟିମ୍

Apollo HOSPITALS

PIONEERING
HEALTHCARE EXCELLENCE
AT APOLLO BHUBANESWAR

Experience superior care with expert doctors, advanced technology, and multi-speciality care.

YOUR TRUSTED CARE PROVIDER

Complex Interventions and Transplantation.
Robotic Surgery.
NICU Level-3 Facility.
Complex Cardiac, CTVS and CABG Procedures.
Advanced Nephrology Care.
ALS Ambulance Fleet.




Emergency Call : 0674 666 0666
Apollo Hospitals Bhubaneswar : 251, Sainik School Road, Unit-15, Bhubaneswar-751005

## ସୋସିଆଲ କୋଟ୍ସ



ଅମିରଙ୍କ ଭଳି ସିରିଏସ୍ ହୋଇ କାମ କରିବା ମୁଁ କାହାରିକୁ ଦେଖିନି । ସେ ବହୁତ ମନଧ୍ୟାନ ଦେଇ କାମ କରିଥାଏ । ସେ ଜଣେ ବହୁତ ଭଲ ଅଭିନେତା ଓ ନିର୍ଦ୍ଦେଶକ ମଧ୍ୟ ।

**ଶାହରୁଖ ଖାନ, ଅଭିନେତା**



ନିକ୍ ଆମକୁ ସଙ୍ଗେସଙ୍ଗେ ପସନ୍ଦ ଆସିଥିଲେ । ମୁଁ ତାଙ୍କ ସହିତ ଅନେକ ବିଷୟରେ ଚର୍ଚ୍ଚା କରିଥାଏ । କେବଳ ଚେହେରା ଦେଖି ନୁହେଁ ବରଂ ତାଙ୍କ ସହ ମିଶିବା ପରେ ଆମେ ତାଙ୍କୁ ପସନ୍ଦ କରିଥିଲୁ ।

**ମଧୁ ଚୋପ୍ରା, ପ୍ରିୟଙ୍କାଙ୍କ ମା'**



'ଗୁମ୍ ହେ କିସିକେ ପ୍ୟାର୍ ମେଁ' ଧାରାବାହିକରେ ମିଳିଥିବା ସଫଳତାର ମୋ ଜୀବନର ଏକ ବଡ ଅଂଶ ନୁହେଁ । ଆଗକୁ ଆହୁରି ବହୁତ କିଛି କରିବାକୁ ଅଛି ।

**ଆୟେଶା ସିଂ, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

**୧୮୮୩–** ଚିନ୍ତାନାୟକ ତଥା ସମାଜ ସୁଧାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପରଲୋକ ।
**୧୯୦୯–** ପ୍ରସିଦ୍ଧ ବୈଜ୍ଞାନିକ ହୋମି ଜାହାଙ୍ଗିର ଭାଭାଙ୍କ ଜନ୍ମ ।
**୧୯୪୫–** ସଂଯୁକ୍ତ ରାଷ୍ଟ୍ରରେ ସାମିଲ ହେଲା ଭାରତ ।
**୧୯୪୯–** ସୁପ୍ରସିଦ୍ଧ ରାଜନେତା ପ୍ରମୋଦ ମହାଜନଙ୍କ ଆବିର୍ଭାବ ।
**୧୯୫୬–** ଖୋଲିଲା ଭାରତର ପଞ୍ଚତାରକା ହୋଟେଲ 'ଅଶୋକ' ।
**୧୯୯୦–** ଭାରତୀୟ ମହିଳା ଶୁଟର ରାହି ସରନୋବତଙ୍କ ଜନ୍ମ ।
**୧୯୯୦–** ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ବିନୋଦ ମେହେରାଙ୍କ ନିଧନ ।
**୨୦୦୧–** ଲାଡ଼େନ ସହ ସଂପୃକ୍ତ ୩ ପରମାଣୁ ବୈଜ୍ଞାନିକଙ୍କୁ ଆମେରିକାକୁ ହସ୍ତାନ୍ତର କଲା ପାକିସ୍ତାନ ।
**୨୦୦୮–** ଆସାମର ବିଭନ୍ନ ସ୍ଥାନରେ ପ୍ରାୟ ୧୮ଟି ବିସ୍ଫୋରଣ ଘଟି ୮୧ରୁ ଉର୍ଦ୍ଧ୍ୱ ମୃତ, ୪୦୦ ଆହତ ।
**୨୦୧୩–** ତେଲେଙ୍ଗାନାର ମେହବୁବ୍ ନଗରରେ ବସ୍‌ରେ ନିଆଁ ଲାଗି ୪୪ ମୃତ ।

# ସୁପର ଫ୍ୟାନ୍



ଖ୍ରୀଷ୍ଟାନୋ ରୋନାଲ୍ଡଙ୍କର ଅନେକ ଫ୍ୟାନ୍ ରହିଛନ୍ତି । ତେବେ ଜଣେ ଫ୍ୟାନ ବର୍ତ୍ତମାନ ସୋସିଆଲ ମିଡିଆରେ ଷ୍ଟାର ପାଲଟିଛନ୍ତି । ୨୪ ବର୍ଷୀୟ ଗଙ୍ଗ୍‌ଙ୍କୁ ବର୍ତ୍ତମାନ ଫ୍ୟାନ୍‌ମାନେ ସୁପର ଫ୍ୟାନ୍‌ର ଆଖ୍ୟା ଦେଇଛନ୍ତି । ଏହି ଯୁବକ ଜଣଙ୍କ ଚୀନରୁ ସାଇକେଲ ଯୋଗେ ସାଉଦି ଆରବିଆ ଆସିଛନ୍ତି କେବଳ ରୋନାଲ୍ଡଙ୍କୁ ଭେଟିବାକୁ । ସେ ପାଖାପାଖି ୧୩ ହଜାର କିମି ସାଇକେଲ୍ ଚଳାଇ ରୋନାଲ୍ଡଙ୍କୁ ଦେଖା କରିବାକୁ ଆସିଛନ୍ତି । ସେ ଏହି ଯାତ୍ରାରେ ଅନେକ ଦେଶ ଯେପରି କାଜକାସ୍ତାନ୍, ଜର୍ଜିଆ, ଇରାନ୍, କ୍ୱତର ଆଦି ସ୍ଥାନ ଦେଇ ସାଉଦି ଆରବରେ ପହଞ୍ଚିଛନ୍ତି । ଯୁବକ ଜଣଙ୍କ ରୋନାଲ୍ଡଙ୍କ ନିକଟରେ ପହଞ୍ଚିବା ପରେ ରୋନାଲ୍ଡ ମଧ୍ୟ ତାଙ୍କୁ ଦେଖା କରିବା ସହିତ ଅଟୋଗ୍ରାଫ ଦେଇଛନ୍ତି । ସେ ଏହି ଯାତ୍ରା କରିବା ସମୟରେ ନିଜ ପାଖରେ ବିଭିନ୍ନ ଦରକାରୀ ସାମଗ୍ରୀ ଯେପରି ପାୱାରବ୍ୟାଙ୍କ୍, ଟେଣ୍ଟ୍, ପୋଷାକ, ଖାଇବା ସାମଗ୍ରୀ ଆଦି ରଖିଥିଲେ । ଯାହା ତାଙ୍କୁ ଯାତ୍ରା ସମୟରେ ଦରକାର ହୋଇଥିଲା ।

# ଫେରୁଛନ୍ତି କରଣ ଅର୍ଜୁନ

ସିନେ ପ୍ରେମୀଙ୍କ ହୃଦୟରେ ଆଇକନିକ୍ ଫିଲ୍ମ କରଣ ଅର୍ଜୁନ୍ ସବୁବେଳେ ରହିବ । ଆଜି ମଧ୍ୟ ଏହି ଫିଲ୍ମ ଦେଖିବାକୁ ଲୋକଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳିଥାଏ । ତେବେ ବର୍ତ୍ତମାନ ବଲିଉଡ୍‌ରେ ଚାଲିଥିବା ରି ରିଲିଜ୍‌ର ଧାରାରେ ସାମିଲ ହୋଇଛି ଏହି ଆଇକନିକ୍ ଫିଲ୍ମ । ପାଖାପାଖି ୩୦ ବର୍ଷ ପରେ ଏହି ଫିଲ୍ମ ପୁଣି ଥିଏଟରକୁ ଫେରିବ । ୧୯୯୫ରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ନଭେମ୍ବର ୨୨ରେ ପୁଣି ଥିଏଟରରେ ରିଲିଜ୍ ହେବ ବୋଲି ଯୋଜନା ହୋଇଛି । ଏନେଇ ସୋସିଆଲ ମିଡିଆରେ ପୋଷ୍ଟ ହେବାପରେ ଏହି ଖବରଟି ବେଶ୍ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ୟୁଜର୍ସମାନେ ଖୁବ ଉତ୍ସାହିତ ଥିବା ସେମାନଙ୍କ କମେଣ୍ଟରୁ ଜାଣି ହେଉଛି । ରାକେଶ ରୋଶନଙ୍କ ପକ୍ଷରୁ ଏନେଇ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି । ତେଣୁ ଏହି ଫିଲ୍ମର ଫ୍ୟାନ୍‌ମାନେ ବର୍ତ୍ତମାନ ଖୁବ ଉତ୍ସାହର ସହ ଏହି ଫିଲ୍ମକୁ ଦେଖିବାକୁ ଅପେକ୍ଷା କରିଛନ୍ତି ।




# ଋତୁ ପରିବର୍ତ୍ତନରେ ଶରୀରକୁ ରଖନ୍ତୁ ସୁସ୍ଥ

ବର୍ତ୍ତମାନ ଧୀରେଧୀରେ ଋତୁରେ ପରିବର୍ତ୍ତନ ହେବାରେ ଲାଗିଛି । ଦିନରେ ଗରମ ଲାଗୁଥିବାବେଳେ ରାତିରେ ଶୀତ ଅନୁଭବ ହେଉଛି । ତେବେ ଏହି ସମୟରେ ଶରୀରର ଅଧିକ ଧ୍ୟାନ ରଖିବାକୁ ହୋଇଥାଏ । କାରଣ ଏହି ସମୟରେ ଆମର ଦେହ ଖରାପ ହେବାର ସମ୍ଭାବନା ଅଧିକ ରହିଥାଏ । ଶରୀରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ କାରଣରୁ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତି କମିବାରେ ଲାଗିଥାଏ, ଯାହା ଫଳରେ ଏହି ସମୟରେ ଖୁବ ଶୀଘ୍ର ଥଣ୍ଡା, ଜ୍ୱର ହେବାର ଆଶଙ୍କା ବେଶି ରହିଥାଏ । ଏହି ସମୟରେ ଅନେକ ଛୋଟଛୋଟ ସମସ୍ୟା ଯେପରି ଥଣ୍ଡା, ଜ୍ୱର, କାଶ, ଦେହ ଦରଜ ହେବା, ଆଲର୍ଜି, ଫୁଡ ଇନଫେକସନ୍ ଆଦି ଦେଖିବାକୁ ମିଳିଥାଏ । ଏହି ଦିନ ମାନଙ୍କରେ ବୟସ୍କ ବ୍ୟକ୍ତି, ଛୋଟ



ଶିଶୁ, ଅନ୍ୟ ରୋଗ ଯେପରି ଡାଇବେଟିସ୍, ଥାଇରଏଡ୍, ଉଚ୍ଚରକ୍ତଚାପ ଭଳି ଲୋକଙ୍କର ଅଧିକ ଧ୍ୟାନ ରଖିବାକୁ ହୋଇଥାଏ । ସେମାନଙ୍କୁ ଏହା ଜଲଦି ପ୍ରଭାବିତ କରିବାର ଆଶଙ୍କା ରହିଥାଏ । ତେବେ ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ କିନ୍ତୁ ଘରେ ମଧ୍ୟ ଆପଣ କିଛି ଉପାୟ ବା ସାବଧାନତା ଅବଲମ୍ବନ କରିବା ଦ୍ୱାରା ଏଥିରୁ ମୁକ୍ତି ପାଇ ପାରିବେ । ଫ୍ରିଜର ବ୍ୟବହାର କମାନ୍ତୁ, ଫ୍ରିଜ ପାଣି ପିଅନ୍ତୁ ନାହିଁ, ଫ୍ରିଜରେ ରଖାଯାଇଥିବା ଖାଦ୍ୟକୁ ବାହାରେ କିଛି ସମୟ ରଖନ୍ତୁ ଏହାପରେ ବ୍ୟବହାର କରନ୍ତୁ । ସର୍ବଦା ଘର ଖାଦ୍ୟ ଖାଆନ୍ତୁ, ବାହାରେ ଆଇସକ୍ରିମ୍ କିମ୍ବା କୋଲ୍ଡ ଡ୍ରିଙ୍କ ଆଦି ପିଅନ୍ତୁ ନାହିଁ । ରାତି ସମୟରେ ବାହାରେ ବେଶି ବୁଲାବୁଲି କରନ୍ତୁ ନାହିଁ । ଅଳ୍ପ ଦେହ ଖରାପରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଘରେ ଆବଶ୍ୟକୀୟ ଔଷଧ ଡାକ୍ତରଙ୍କୁ ପରାମର୍ଶ କରି ଆଣି ରଖନ୍ତୁ , ଯାହା ଦରକାରୀ ବେଳେ କାମରେ ଆସିବ ।



# ଭେଜିଟେବୁଲ୍ ରାଇତା

**ସାମଗ୍ରୀ–** ଏକ କପ୍ ଦହି, ଏକ ଚାମଚ ଜୀରା ଗୁଣ୍ଡ,ଅଧା ଚାମଚ କଳା ଲୁଣ, ଅଳ୍ପ ପରିମାଣର ମରିଚ ଗୁଣ୍ଡ, ଅଳ୍ପ ପରିମାଣ ଲଙ୍କା ଗୁଣ୍ଡ, କଟା ହୋଇଥିବା ପିଆଜ ଗୋଟେ, କଟା ହୋଇଥିବା ଟମାଟ ଗୋଟେ, ଗ୍ରେଟେଡ୍ ଗାଜର, ୨ଚାମଚ କଟା ହୋଇଥିବା କ୍ୟାପିସିକମ୍, ୩ ଚାମଚ ଗ୍ରେଟେଡ୍ କାକୁଡି, ଅଳ୍ପ ପରିମାଣ କଟାହୋଇଥିବା ପୋଦିନା ପତ୍ର, ଅଳ୍ପ ପରିମାଣ ଧନିଆ ପତ୍ର, କଟା ହୋଇଥିବା କଞ୍ଚା ଲଙ୍କା, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ପ୍ରଥମେ ଦହିକୁ ୧୦ରୁ ୧୨ ମିନିଟ୍ ପାଇଁ ଫ୍ରିଜ୍‌ରେ ରଖନ୍ତୁ । ଏହାପରେ ଦହିକୁ ଏକ ବଡ ଯାଗାରେ ଭଲକରି ଫେଣ୍ଟନ୍ତୁ । ଏହାପରେ ଏଥିରେ ଜୀରା ପାଉଡର, କଳା ଲୁଣ, ଲଙ୍କାଗୁଣ୍ଡ, ମରିଚ ଗୁଣ୍ଡ ଓ ଲୁଣ ପକାନ୍ତୁ । ଏହାପରେ ଏଥିରେ ଧୀରେଧୀରେ ସମସ୍ତ ପରିବା ପକାନ୍ତୁ । ପରେ ଏଥିରେ ଟମାଟୋ, ଧନିଆ ପତ୍ର, ପୋଦିନା ପତ୍ର ଓ କଞ୍ଚାଲଙ୍କା ପକାନ୍ତୁ । କିଛି ସମୟ ଗୋଳାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଗଲା ଭେଜିଟେବୁଲ ରାଇତା । ଏହି ରାଇତାକୁ ପରଟା କିମ୍ବା ପୁରୀ ସହିତ ପରଷନ୍ତୁ ।

## ହାଃ...ହାଃ...

ଦୁଇଜଣ ସାଙ୍ଗ କଥା ହେଉଥିଲେ..
ପ୍ରଥମ ସାଙ୍ଗ – କାଲି ଘରକୁ ଡେରିରେ ଗଲି ଯେ ସ୍ତ୍ରୀ ଘରେ ପୁରେଇଲାନି ।
ଦ୍ୱିତୀୟ ସାଙ୍ଗ – କେଉଁଠି ଶୋଇଲୁ ?
ପ୍ରଥମ ସାଙ୍ଗ – ରାସ୍ତାରେ ରାତିଟା ସାରା ଶୋଇଲି ।
ଦ୍ୱିତୀୟ ସାଙ୍ଗ – ସକାଳୁ ସ୍ତ୍ରୀକୁ ପାନେ ଦେଲୁ ନା ନାହିଁ ?
ପ୍ରଥମ ସାଙ୍ଗ – ଆରେ ସକାଳୁ ମନେପଡିଲା, ସ୍ତ୍ରୀ ବାପଘରକୁ ଯାଇଛି । ଘର ଚାବିଟା ମୋ ପକେଟ୍‌ରେ ଅଛି ।



# ୩ ଦିନ ପୂର୍ବରୁ ହୋଇଥିଲା କାଷ୍ଟିଂ



ଅମିଷା ପଟେଲ୍ ବଲିଉଡ ଫିଲ୍ମ କହୋ ନା ପ୍ୟାର୍ ହେ ଜରିଆରେ ନିଜର ବଲିଉଡ ଡେବ୍ୟୁ କରିଥିଲେ । ତେବେ ଏହି ଫିଲ୍ମ ତାଙ୍କୁ ମିଳିବା ପଛରେ ଏକ ରୋଚକ କାହାଣୀ ରହିଛି । ଫିଲ୍ମ ସୁଟିଂର ମାତ୍ର ତିନି ଦିନ ପୂର୍ବରୁ ତାଙ୍କୁ କାଷ୍ଟ କରାଯାଇଥିଲା । ଏ ସୂଚନା ନିଜେ ଅଭିନେତ୍ରୀ ଅମିଷା ପଟେଲ୍ ଦେଇଛନ୍ତି। ଏକ ବିବାହ ଭୋଜିରେ ଯୋଗଦେବା ଅବସରରେ ରାକେଶ ରୋଶନ ତାଙ୍କୁ ଦେଖିଥିଲେ ଏବଂ ଏଥିପାଇଁ ଫାଇନାଲ କରିଥିଲେ । କହୋନା ପ୍ୟାର୍ ହେ ପୂର୍ବରୁ ତାଙ୍କୁ ଆଉ କିଛି ଫିଲ୍ମର ଅଫର ହୋଇଥିଲା ହେଲେ ସେ ଏଗୁଡିକ କ୍ୟାନ୍ସଲ କରିଦେଇଥିଲେ । ହେଲେ ରାକେଶ ରୋଶନଙ୍କର ମେଗା ପ୍ରୋଜେକ୍ଟକୁ ସେ ମନା କରିପାରିନଥିଲେ । ସେହିଭଳି ଫିଲ୍ମ ପାଇଁ ହଁ କହିଥିଲେ ବି ନିଜ ମନରେ ଦ୍ୱନ୍ଦ୍ୱରେ ଥିଲେ ଅମିଷା । ଭାବିଥିଲେ ଯଦି ଫିଲ୍ମ ହିଟ୍ ନ ହେବ ତେବେ ସେ ଇଣ୍ଡଷ୍ଟ୍ରୀ ଛାଡିଦେବେ ଏବଂ ପୁଣି ଚାକିରି କରିବେ । ହେଲେ କହୋନା ପ୍ୟାର୍ ହେ ହିଟ୍ ହେଲା ଏବଂ ସେ ଏହାପରେ ଇଣ୍ଡଷ୍ଟ୍ରୀରେ ରହିଲେ । ୨୦୦୦ ମସିହାରେ କହୋନା ପ୍ୟାର୍ ହେ ରିଲିଜ୍ ହୋଇଥିଲା । ସେହି ସମୟରେ ଏହା ହିଟ୍ ହେବା ସହିତ ନିଜ ନାଁରେ ଅନେକ ରେକର୍ଡ ସାମିଲ କରିଥିଲା ।

# ମର୍ତ୍ତ୍ୟର କାମଧେନୁ

ସାଧାରଣତଃ ଆମେ ପୁରାଣରେ କାମଧେନୁ ଗାଈ କଥା ଶୁଣିଛୁ, ଯିଏ କି ସ୍ୱର୍ଗପୁରରେ ବାସ କରୁଥିଲେ । ହେଲେ ଉତ୍ତରପ୍ରଦେଶର ଏକ ଗ୍ରାମରେ ଏଭଳି ଏକ ଗାଈ ରହିଛି ଯାହାକୁ ସେଠାକାର ଲୋକ କାମଧେନୁ ନାମରେ ସମ୍ବୋଧନ କରୁଛନ୍ତି । ଏହାପଛରେ ମଧ୍ୟ ଏକ ରୋଚକ କାରଣ ରହିଛି । ଗାଈଟି ଗର୍ଭବତୀ ନ ହୋଇ ମଧ୍ୟ ଦିନକୁ ୪ ଲିଟର କ୍ଷୀର ଦେବାରେ ସକ୍ଷମ । ଗାଈଟିର ମାଲିକ ଜଣେ ଅବସରପ୍ରାପ୍ତ ପ୍ରଫେସର ଯିଏ ଗାଈଟିର ଖୁବ ଧ୍ୟାନ ରଖୁଛନ୍ତି । ଗାଈଟି ପ୍ରଥମରୁ ଅଳ୍ପଅଳ୍ପ କ୍ଷୀର ଦେଉଥିଲା, ହେଲେ ତାହା ବର୍ତ୍ତମାନ ଦିନକୁ ୪ଲିଟରରେ ପହଞ୍ଚିଛି । ଗାଈଟିର ଏଭଳି ଅବସ୍ଥାକୁ ଡାକ୍ତରମାନେ ହର୍ମୋନାଲ ପରିବର୍ତ୍ତନ କାରଣରୁ ହୋଇଥିବା ପ୍ରକାଶ କରୁଛନ୍ତି । ଯଦି କୌଣସି ବାଛୁରୀ ଜନ୍ମ ହେବା ପରେ ତାର ମାଆ ମରିଯାଉଛି ତେବେ ଗାଈଟିର କ୍ଷୀର ସେହି ବାଛୁରୀକୁ ଦିଆଯାଇଥାଏ । ସେହିଭଳି ଏହି ଗାଈଟିର କ୍ଷୀର ଅନ୍ୟ ଗାଈଙ୍କ ତୁଳନାରେ ଅଧିକ ପ୍ରୋଟିନ୍ ଯୁକ୍ତ ଏବଂ ଚର୍ବି ଯୁକ୍ତ ବୋଲି ଏହାର ମାଲିକ ଦାବି କରିଛନ୍ତି । ସୋସିଆଲ ମିଡିଆରେ ଘଟଣାଟି ବେଶ୍ ଭାଇରାଲ ହେବାରେ ଲାଗିଛି । ସ୍ଥାନୀୟ ଅଞ୍ଚଳର ଅନେକ ଲୋକ ଏହି ଗାଈଟିକୁ ଦେଖିବାକୁ ମଧ୍ୟ ଆସୁଛନ୍ତି ।



## ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କଳିଙ୍ଗ ଷ୍ଟାଡିୟମରେ

# ‘ଏକତା ଦୌଡ’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସକାଳେ କଳିଙ୍ଗ ଷ୍ଟାଡିୟମ ଠାରେ ‘ଏକତା ଦୌଡ’କୁ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦୦ ଛୋଟ ପିଲା, କ୍ରୀଡା ହଷ୍ଟଲର ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ରୀଡା ସଂଗଠନର ପିଲାମାନେ ଯୋଗଦେଇ ଦୌଡରେ ଭାଗ ନେଇଥିଲେଛ ମୁଖ୍ୟମନ୍ତ୍ରୀ ସେମାନଙ୍କ ନେତୃତ୍ୱ ନେଇ ଏହି ଦୌଡରେ ସାମିଲ ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଦେଶର ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ପଟେଲଙ୍କ ସଂକଳ୍ପ ଓ ଦୃଢ ପଦକ୍ଷେପର ତୁଳନା ନାହିଁ । ଦେଶର ଏକତା ପାଇଁ ସର୍ଦ୍ଦାର ପଟେଲ ସମର୍ପିତ ହୋଇ ଏକ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ କରି ଦେଶୀୟ ରାଜ୍ୟ ମାନଙ୍କର ସମ୍ମିଶ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଥିପାଇଁ ତାଙ୍କୁ ଲୌହ ମାନବର ଆଖ୍ୟା ଦିଆଯାଏ । ତାଙ୍କ ଆଦର୍ଶରେ ଦେଶର ଏକତା ଓ ଅଖଣ୍ଡତା ପାଇଁ ଦେଶର ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହୋଇ କାମ କରିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଗଣ, ବିଧାୟକ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, କ୍ରୀଡା ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅକ୍ଟୋବର ୩୧ ତାରିଖକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଶିଲ୍ପାଙ୍କ ସହ ଫଟୋକୁ ନେଇ ସୁପରଭାଇଜରଙ୍କୁ ନୋଟିସ୍

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀଲିଙ୍ଗରାଜ ମନ୍ଦିରରେ ବଲିଉଡ୍ ଆଟିଷ୍ଟ ଶିଲ୍ପା ସେଟ୍ଟୀଙ୍କ ସହ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ରଙ୍କ ଫଟୋକୁ ନେଇ ମନ୍ଦିର ପ୍ରଶାସନ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ।

ଆଟିଷ୍ଟ ଶିଲ୍ପା ଓଡ଼ିଶା ଭ୍ରମଣରେ ଆସିଥିବା ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରକୁ ପରିଦର୍ଶନରେ ଯାଇଥିଲେ । ତାଙ୍କ ସହ ମନ୍ଦିର ଭିତରେ ସୁପରଭାଇଜର ଉଠାଇଥିବା ଫଟୋ ଭାଇରାଲ ହେବା ପରେ ପ୍ରଶାସନ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଛି । କେଉଁ ପରିସ୍ଥିତିରେ କାହିଁକି ନିୟମ ଉଲ୍ଲଙ୍ଘନ କରି ଫଟୋ ଉଠାଇଲେ ତାହା ୭ଦିନ ଭିତରେ ସେବାୟତ ସୁପରଭାଇଜର ଜଣାଇବାକୁ ନୋଟିସ୍‌ରେ କୁହାଯାଇଛି । ଏହା ପୂର୍ବରୁ ୨୦୧୮ ମସିହାରେ ବଲିଉଡ୍ ଆଟିଷ୍ଟ ରବିନା ଟଣ୍ଡନ ମନ୍ଦିର ଭିତରେ ଫୋଜ୍ ଦେଇ ଫଟୋ ଉଠାଇଥିଲେ । ସେହି ଫଟୋ ଭାଇରାଲ ହେବା ପରେ ଚର୍ଚ୍ଚା ମଧ୍ୟ ଜୋର୍ ହୋଇଥିଲା । ମନ୍ଦିର ବେଢା ମଧ୍ୟରେ ରାଜନେତା ହୁଅନ୍ତୁ କିମ୍ବା ସେଲିବ୍ରିଟ ହୁଅନ୍ତୁ କେହି ଫଟୋ ଉଠାଇପାରିବେ ନାହିଁ । ତାହା ମନ୍ଦିର ଟ୍ରଷ୍ଟବୋର୍ଡ ନିୟମ କରିଛି । କେବଳ ଶ୍ରୀଲିଙ୍ଗରାଜ ମନ୍ଦିର ନୁହେଁ, ଜଗନ୍ନାଥ ମନ୍ଦିରରେ ମଧ୍ୟ ଏହି ନିୟମ ରହିଛି ।




## କୁଆଡେ ଗଲେ ତାରିଣୀ : ମିଳୁନି ପତ୍ତା, ଖୋଜୁଛି ଅଗ୍ନିଶମ ବିଭାଗ

ବାରଙ୍ଗ,(ସବ୍ୟୁ) :ସୋମବାର ବିଳମ୍ବିତ ରାତିରେ ମୁଣ୍ଡଳିନିକଟ ମହାନଦୀ ବ୍ୟାରେଜ ଉପରେ ଥୁଆ ହୋଇଥିବା ଏକ କଳାରଙ୍ଗର ପଲସରକୁ ଗୋଡିସାହି ଫାଣ୍ଡି ପୋଲିସ ଜବତ୍ କରିଛି। ଗାଡ଼ି ନମ୍ବରରୁ ଯୁବକ ଜଣଙ୍କ ପରିଚୟ ପାଇ ପରିବାର ଲୋକଙ୍କୁ ଜଣାଇଥିବା ବେଳେ ନିଖୋଜ ହୋଇଯାଇଥିବା ଯୁବକ ଜଣଙ୍କର ପତା ମିଳିପାରିନାହାଯୁବକ ଜଣଙ୍କ ବ୍ୟାରେଜ ଉପରେ ଗାଡି ରଖି ମହାନଦୀକୁ ଡେଇଁ ଥିବାର ସନ୍ଦେହ କରି ମଙ୍ଗଳବାର ଦିନତମାମ ବାରଙ୍ଗ ଅଗ୍ନିଶ୍ରମବିଭାଗ କର୍ମଚାରି ମାନେ ଖୋଜାଖୋଜି କରିଥିଲେ ମଧ୍ୟ ଯୁବକ ଜଣଙ୍କର ପତା ମିଳିପାରି ନାହିଁ।ପ୍ରକାଶଯେ, ସୋମବାର ବିଳମ୍ବିତ ରାତିରେ ଢେଙ୍କାନାଳଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ କାବେରାଗାଁର ତାରିଣୀ ପ୍ରସାଦ ରାଉତ(୩୦) ନାମକ ଯୁବକଙ୍କର ଓଡି ୧୯ଭି ୫୪୨୨ନମ୍ବର କଳାରଙ୍ଗର ପଲସର ଗାଡ଼ିଟି ମହାନଦୀ ବ୍ୟାରେଜ ଉପରେ ଥୁଆ ହୋଇଥିଲା।ଗାଡ଼ିଟି ଦୀର୍ଘ ସମୟ ଧରି ଥୁଆ ହୋଇଥିବାର ଜାଣି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଗୋଡିସାହିଫାଣ୍ଡି ପୋଲିସ ଘଟଣାସ୍ଥଳରୁ ଥୁଆ ହୋଇଥିବା ଗାଡ଼ିକୁ ଜବତକରି ଗାଡି ନମ୍ୱର ଆଧାରରେ ଗାଡିମାଲିକର ପରିଚୟ ପାଇବା ସହ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ମଙ୍ଗଳବାର ଦିନ ସକାଳୁ ପରିବାର ଲୋକ ଫାଣ୍ଡିରେ ପହଞ୍ଚିବା ପରେ ତାରିଣୀ ବିଷୟରେ ପୋଲିସ ସବିଶେଷ ତଥ୍ୟ ପାଇଥିଲା।ପୋଲିସ ସୂଚନା ଅନୁଯାୟୀ ତାରିଣୀ ଅନୁଗୁଳର ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ସୋମବାର ଦିନ ୧୨ଟାରେ ଘରୁ ବ୍ୟାଙ୍କକୁ ଆସିଥିଲେ। ସନ୍ଧ୍ୟା ପାଖାପାଖି ସ୍ତ୍ରୀଙ୍କ ସହ କଥା ହେବା ପରେ ଫୋନ ସୁଇଜଅଫ ହୋଇ ଯାଇଥିଲା।ଅନଲାଇନ ଟ୍ରେଡିଂ କରି ମାନସିକ ଚାପରେ ତାରିଣୀରହୁଥିବାର ପୋଲିସ ପଚରାଉଚରା ବେଳେ ପରିବାର ଲୋକଙ୍କ ଠାରୁ ଜାଣିବାକୁ ପାଇଛିଛ ତାରିଣୀ ବ୍ୟାରେଜ ଉପରେ ଗାଡ଼ି ରଖି ମହାନଦୀକୁ ଡେଇଁ ପଡିଛନ୍ତି ନା କେଉଁଆଡେ ପଳାଇଯାଇ ନିଖୋଜ ହୋଇଯାଇଛନ୍ତି ତାହା ସନ୍ଦେହ ଭିତରେ ରହିଛି। ଅନ୍ୟପଟେ ତାରିଣୀ ମହାନଦୀକୁ ଡେଇଁ ପଡ଼ିଥିବାର ସନ୍ଦେହ କରି ମଙ୍ଗଳବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବାରଙ୍ଗ ଅଗ୍ନିଶ୍ରମ ବିଭାଗ କର୍ମଚାରିମାନେ ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜ ତାରିଣୀଙ୍କର କୌଣସି ପତା ମିଳିପାରି ନାହିଁ।

## ଜଣିକିଆ ବିଚାରପତିଙ୍କ ଆଦେଶ ରଦ୍ଦ କଲେ ଖଣ୍ଡପୀଠ

## ୨୦ ରୁ କମ୍ ପିଲାଥିବା ସ୍କୁଲକୁ ପାଖ ସ୍କୁଲରେ ମିଶ୍ରଣ ନିଷ୍ପତ୍ତିକୁ ରଖିଲେ କାଏମ

କଟକ,(ସବ୍ୟୁ): ୨୦ରୁ କମ୍ ପିଲା ଥିବା ସ୍କୁଲକୁ ବନ୍ଦ କରି ଏହାକୁ ପାଖ ଏକ ସ୍କୁଲରେ ମିଶ୍ରଣ ଲାଗି ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି କୁ ହାଇକୋର୍ଟ ଆଜି କାଏମ୍ ରଖୁଛନ୍ତି ସ୍କୁଲ୍ ମିଶ୍ରଣ ବିଜ୍ଞପ୍ତିକୁ ହାଇକୋର୍ଟର ଜଣିକିଆ ବିଚାରପତି ରଦ୍ଦ କରିବାଦେବା ପରେ ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟକୁ ରିଟ୍ ଅପିଲ୍ରେ ଆସିଥିଲେ ଟା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଅପରପକ୍ଷରେ ସ୍କୁଲ୍ ମିଶ୍ରଣଙ୍କୁ ବିରୋଧ କରି ଆସିଥିବା ଆବେଦନକାରୀମାନେ ଜିଲ୍ଲା ଅଭିଯୋଗ ସେଲ୍ରେ ସେମାନଙ୍କ ଅଭିଯୋଗ ରଖିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ଅଭିଯୋଗ ଉପରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି । ପ୍ରଥମେ ରାଜ୍ୟ ସରକାର ୨୦୧୮ ମସିହା ମେ’ ୧୪ ତାରିଖରେ ସ୍କୁଲ୍ ମିଶ୍ରଣ ପାଇଁ ଏକ ଗାଇଡ୍ଲାଇନ୍ ପ୍ରସ୍ତୁତ କରିଥିଲେଛ ପରେ ଏହି ଗାଇଡ୍ଲାଇନ୍‌କୁ ଆଧାର କରି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୦ ମାର୍ଚ୍ଚ ୧୧ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଯେଉଁ ବିଦ୍ୟାଳୟରେ ୨୦ କିମ୍ବା ତାହାଠାରୁ କମ୍ ପିଲା ଅଛନ୍ତି ସେହିସବୁ ବିଦ୍ୟାଳୟକୁ ବନ୍ଦ କରି ନିକଟବର୍ତ୍ତୀ ବିଦ୍ୟାଳୟରେ ମିଶ୍ରଣ କରାଯିବ ବୋଲି ଏଥିରେ କୁହାଯାଇଥିଲା । ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ହାଇକୋର୍ଟରେ ୧୬୮ଟି ମାମଲା ରୁଜୁ ହୋଇଥିଲା । ଏହିସବୁ ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୧ ମେ’ ୪ ତାରିଖରେ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ରଦ୍ଦ କରି ଦେଇଥିଲେ ।

# ସରକାରୀ ଆୟୁର୍ବେଦ ହସ୍ପିଟାଲରେ ୯ମ ଆୟୁର୍ବେଦ ଦିବସ

ଭୁବନେଶ୍ୱର (ସବ୍ୟୁ): ଆୟୁର୍ବେଦ ହସ୍ପିଟାଲ, ଭୁବନେଶ୍ୱର ଠାରେ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ଅବସରରେ ୯ମ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବନ ଏବଂ ଆୟୁର୍ବେଦ ଫୁଡ୍‌ଫେଷ୍ଟିଭାଲକୁ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବାବୁ ସିଂ ଉଦ୍‌ଘାଟିତ କରିଥିଲେ ଏଥିରେ ହସ୍ପିଟାଲର ଉପ-ଅଧକ୍ଷ ଡ଼. ବନ୍ଦୀତାରାଣୀ ମିଶ୍ର ଏବଂ ହସ୍ପିଟାଲର ଭାରପ୍ରାପ୍ତ ଅଧିକାରୀ ଡ. ଚିନ୍ମରନ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମାନ୍ୟବର ବିଧାୟକ ତାଙ୍କ ଅଭିଭାଷଣରେ କହିର୍ଛି ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥାରେ ଯୋଗ ଏକ ପ୍ରଧାନ ଅଙ୍ଗ। ଏହାଦ୍ୱାରା ଶାରୀରିକ, ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ। ଆୟୁର୍ବେଦ ଚିକିତ୍ସା ପଦ୍ଧତି ବହୁ ପୁରାତନ ଚିକିତ୍ସା ପଦ୍ଧତି। ଏହି ଆୟୁର୍ବେଦ ହସ୍ପିଟାଲଟି ବହୁ ପୁରାତନ। ଏହି ହସ୍ପିଟାଲରେ ବିଭିନ୍ନ ରୋଗର ଚିକିତ୍ସା କରାଯାଇ ବହୁ ଲୋକ ଆରୋଗ୍ୟ ଲାଭ କରିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି । ଆୟୁଷ ମନ୍ତ୍ରଣାଳୟ ଏହାର ଅନୁସଂଧାନ ସଂଗଠନ ଦ୍ୱାରା ଆୟୁର୍ବେଦ ମାଧ୍ୟମରେ କର୍କଟ, ମଧୁମେହ ଓ ହୃଦ୍‌ରୋଗ ଇତ୍ୟାଦି ର ନିୟନ୍ତ୍ରଣ ନିମିନ୍ତ ଏକ ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରିର୍ଛି। ଯାହାଦ୍ୱାରା ଜଟିଳ ରୋଗଗୁଡ଼ିକର ସହଜ ଓ ସମାଧାନର ସୂତ୍ର ମିଳିପାରିବ। ଏହି ହସ୍ପିଟାଲରେ ଯେଉଁ ସବୁ ସମସ୍ୟା ରହିଛି ତାକୁ କିଭଳି ସମାଧାନ କରିବା ସହିତ ହସ୍ପିଟାଲର ଉନ୍ନତି କରାଯାଇପାରିବ ତାକୁ ସରକାରଙ୍କ ମାଧ୍ୟମରେ ସମାଧାନ କରିବାକୁ ମୁଁ ଚେଷ୍ଟା କରିବି ବୋଲି ମାନ୍ୟବର ବିଧାୟକ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। କୋଭିଡ଼ ମହାମାରୀ ସମୟରେ ଆୟୁଷ ଡାକ୍ତରମାନଙ୍କର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଡ଼. ଅରବିନ୍ଦ କୁମାର ସାହୁ, ଡ଼. ସ୍ଥିତିସୃଜନୀ ମିଶ୍ର, ଡ଼. ଗାୟତ୍ରୀ ସନ୍ଧୀବିଗ୍ରହ, ଡ଼. ସସ୍ମିତା ଦାସ, ଡ଼. ପ୍ରୀୟଙ୍କା ଗିରି ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ବି.ଏମ୍.ଡ଼ି ଟେଷ୍ଟ ଓ ରକ୍ତ ପରୀକ୍ଷା କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ବହୁ ସଂଖ୍ୟାରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରିକ୍ଷା କରାଯିବା ସହିତ ଔଷଧ ବନ କରାଯାଇଥିଲା। ନିହାରନ ଛାଟୋଇ ଏବଂ ହସ୍ପିଟାଲର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।




## ଉବିପ ପକ୍ଷରୁ ବଂଧୁ ମିଳନ, ଆଲୋଚନା ଚକ୍ର ଓ ସେବକଙ୍କୁ ସମ୍ବର୍ଦ୍ଧନା

କଟକ, (ସବ୍ୟୁ): ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ(ଉବିପ)ପକ୍ଷରୁ ବଂଧୁ ମିଳନ ପର୍ବ,ଆଲୋଚନା ଚକ୍ର ଓ କର୍ମକର୍ତ୍ତା ଚୟନ ଫୁଲ ମା’ ମାର୍କେଟ କମ୍ପ୍ଲେକ୍ସ କନ୍ଦରପୁରରେ ଅନୁଷ୍ଠିତ ହୋଇ ପୂର୍ବରୁ ସଭାପତି ଭାବେ କାର୍ଯ୍ୟ କରୁଥିବା ବର୍ତ୍ତମାନର କଟକ ସଦର ବିଧାୟକ ଇଂ.ପ୍ରକାଶ ଚଂଦ୍ର ସେଠୀ ସଭାପତି ପଦରୁ ଇସ୍ତଫା ଦେଇ ଥିଲେ । ପରେ ପ୍ରଭାତ ସେଠୀ ସଭାପତି, ବିମଳ କୁମାର ପଣ୍ଡା କାର୍ଯ୍ୟକାରୀ ସଭାପତି, ଅଶୋକ କୁମାର ସାହୁ ସଂଯୋଜକ ଭାବେ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି ପରିଷଦ କାର୍ଯ୍ୟ କର୍ତ୍ତା ଗୁରୁ ଆଶୋକ ପଟ୍ଟନାୟକ, ନିରଞ୍ଜନ ରାଉଳ,ରଘୁନାଥ ଚୌଧୁରୀ,ଦେବୀ ପ୍ରସାଦ ପତି,ନିରଞ୍ଜନ ରାଉଳ, ସୁରେଶ ଜେନା,ଲକ୍ଷ୍ମୀଧର ଜେନା,ପ୍ରତାପ ରାଉତ,ପ୍ରତାପ ଜେନା,ସୁରେଶ ଭାଇ,ଅନିଲ ମହାପାତ୍ର,ସରୋଜ ବାରିକ,ବାପି ନନ୍ଦ,ପ୍ରମୋଦ ସେଠୀ, ଦୁଲାଲ ବେହେରା,ନିରଞ୍ଜନ ଭୋଇ,ଦିବ୍ୟ ପୃଷ୍ଟି,ବିଷ୍ଣୁ ଚରଣ ମାଦେଲି,ବଲରାମ ନାୟକ,ସଞ୍ଜୟ ସେଠି,ସଞ୍ଜୟ ସାହୁ,ମୀନକେତନ ମହାନ୍ତି,ଜୟନ୍ତ ଦାସ,ସନ୍ତୋଷ ଭୋଇ,ଦୀପକ ବେହେରା,ବାବୁଲି ପାତ୍ର,ସୁରେଶ ପ୍ରଧାନ,ସଂଘମିତ୍ରା ବେହେରା, ସରୋଜ ବାରିକ,ସନାତନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମହାଳୀ, ଗୋକୁଳ ପ୍ରଧାନ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## କ୍ୟାମେରା ଲେନ୍ସରେ ବାତ୍ୟା ବିପର୍ଯ୍ୟୟକୁ ନେଇ ଏକକ ଫଟୋ ପ୍ରଦର୍ଶନୀ

# ଏଭଳି ଆୟୋଜନ ଆଗାମୀ ପିଢ଼ିଙ୍କୁ ସୂଚନା ଓ ଶିକ୍ଷା ଦେବ : ମନ୍ତ୍ରୀ ସୁରେଶ ପୂଜାରୀ



**ମହାବାତ୍ୟା ଠାରୁ ଦାନା ଯାଏଁ ସ୍ଥାନିତ ହେଲା ଦେଢ଼ଶହ ଚିତ୍ର**

**ବରିଷ୍ଠ ଫଟୋ ସାମ୍ବାଦିକ ଅତୁଲ୍ୟ ମହାନ୍ତିଙ୍କ ଅନନ୍ୟ ପ୍ରୟାସକୁ ସାବାସୀ**

ଭୁବନେଶ୍ୱର (ସବ୍ୟୁ): ଅକ୍ଟୋବର ୨୯ରେ ମହାବାତ୍ୟାକୁ ପୁରିଛି ୨୫ ବର୍ଷ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ଦିନକୁ ରାଜ୍ୟ ସରକାର ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଭାବେ ପାଳୁଥିବା ବେଳେ ବାତ୍ୟାର ସ୍ମୃତିକୁ ତାଜା କରିବା ପାଇଁ ବରିଷ୍ଠ ଫଟୋ ସାମ୍ବାଦିକ ଅତୁଲ୍ୟ କୁମାର ମହାନ୍ତିଙ୍କ ଦ୍ୱାରା ସ୍ଥାନୀୟ ଜୟଦେବ ଭବନ ପରିସରରେ ଆୟୋଜିତ ହୋଇଯାଇଛି ଏକକ ଫଟୋ ପ୍ରଦର୍ଶନୀ ଲେନ୍ସରେ ବିପର୍ଯ୍ୟୟ । ରାଜ୍ୟରେ ୧୯୯୯ ମହାବାତ୍ୟା ପରଠାରୁ ଘଟିଥିବା ସବୁ ପ୍ରାକୃତିକ ବିପର୍ଯ୍ୟୟ ବେଳର ଦୃଶ୍ୟକୁ ଅତି ପାଖରୁ ଉତ୍ତୋଳିତ କରିଛନ୍ତି ଅତୁଲ୍ୟ । ଜୟଦେବ ଭବନରେ ମଙ୍ଗଳବାର ଆୟୋଜିତ ଏହି ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଏଭଳି ପ୍ରଦର୍ଶନୀ ଆଗାମୀ ପିଢ଼ିଙ୍କୁ ଶିକ୍ଷା ଓ ସଚେତନ କରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିବା ସହିତ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗଣମାଧ୍ୟମର ବଡ଼ ଭୂମିକା ଥିବା ଦର୍ଶାଇଛନ୍ତି । ଗବେଷକ ଅନିଲ ଧୀର ,ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋୟୀଙ୍କ ସହ ବହୁ ଅତିଥି ଆୟୋଜିତ ଫଟୋ ପ୍ରଦର୍ଶନୀ ବୁଲି ଦେଖିବା ସହିତ ବିପର୍ଯ୍ୟୟ ବେଳର ସ୍ମୃତିରେ ଭିଜିଚନ୍ତି ।

## ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ

# ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟସଭାପତି ବିଭୂତି ଭୂଷଣ କରଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ୨୮ଟି ଜିଲ୍ଲାର ସଭାପତି, ସମ୍ପାଦକ, କାର୍ଯ୍ୟକାରିଣୀ ସଦସ୍ୟ ଓ କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟରତ ସାମ୍ବାଦିକଙ୍କ ବୃତ୍ତିଗତ ସମସ୍ୟା ଓ ସମାଧାନ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଲୋଚନା କାଳରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ପେନ୍‌ସନ୍ ପ୍ରଦାନ, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ଜିଲ୍ଲା ଓ ରାଜ୍ୟରେ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନସନ୍ତତିଙ୍କୁ ସାମିଲ୍, ପ୍ରେସ୍ ଏକାଡେମୀ ଗଠନ ଇତ୍ୟାଦି ଦାବି ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମତ ପ୍ରକାଶ ପାଇଥିଲା । ଉତ୍କଳ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ ଗତ ଫେବୃୟାରୀ ୭ତାରିଖରେ ଲୋୟର ପି.ଏମ୍.ଜି.ଠାରେ ୨୦୦୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଏହି ସମସ୍ତ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଆଜିର ମୁଖ୍ୟମନ୍ତ୍ରୀ ତଥା ତତ୍କାଳୀନ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଜେପିର ଅନ୍ୟ ପାଞ୍ଚଜଣ ବିଧାୟକଙ୍କ ସହିତ ଯୋଗଦେଇ ଉପରୋକ୍ତ ଦାବି ଗୁଡ଼ିକ ପ୍ରତି ସମର୍ଥନ ଜ୍ଞାପନ କରି ସରକାରଙ୍କୁ ଆସିଲେ ଏହିସବୁ ଦାବିଗୁଡ଼ିକୁ ପୂରଣ କରିବୁ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ମୋହନ ମାଝୀଙ୍କ ନେତୃତ୍ୱରେ ଗଠିତ ବର୍ତ୍ତମାନର ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ନିଜ ପ୍ରତିଶ୍ରୁତି ସମ୍ପର୍କରେ ମନେ ପକାଇଦେବା ପାଇଁ ଆସନ୍ତା ଫେବୃୟାରୀ ମାସ ମଧ୍ୟରେ ଲୋୟର ପିଏମ୍‌ଜିରେ ସଂଘ ପକ୍ଷରୁ ସମାବେଶର ଆୟୋଜନ କରାଯିବ ବୋଲି ସଭାପତି ଶ୍ରୀ କର ରଖିଥିବା ପ୍ରସ୍ତାବକୁ ସଭାରେ ଅନୁମୋଦନ କରାଯାଇଥିଲା । ବୈଠକ ଅବସରରେ ବରିଷ୍ଠ ସାମ୍ବାଦିକ ହୃଷିକେଶ ମହାନ୍ତିଙ୍କୁ ସଂଘର ଉପସଭାପତି ଭାବେ ମନୋନୀତ କରାଯାଇଥିଲା । ବୈଠକ ଅବସରରେ ବରିଷ୍ଠ ସାମ୍ବାଦିକ ହୃଷିକେଶ ମହାନ୍ତିଙ୍କୁ ସଂଘର ଉପସଭାପତି ଭାବେ ମନୋନୀତ କରାଯାଇଥିଲା । ଏଥିରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ସତ୍ୟନାରାୟଣ ମିଶ୍ର, ପ୍ରଦୀପ ତ୍ରିପାଠୀ, ରଶ୍ମିରଂଜନ ମିଶ୍ର, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, କାର୍ଯ୍ୟାଳୟ ସମ୍ପାଦକ ଭରତ ବେହେରା, ସଂଜୟ ପତି, ରାଧାକାନ୍ତ ମିଶ୍ର, ମଦନ ପାଣି, ରମେଶ ମହାନ୍ତି, ବିଶ୍ୱଜିତ୍ ପଟ୍ଟନାୟକ, ରାଜୀବଲୋଚନ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭାପତି ସର୍ବଶ୍ରୀ ଶ୍ରୀକାନ୍ତ ଖଟେଇ, ରବିନାରାୟଣ ଖିଲାର, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ସୌମ୍ୟରଂଜନ ପଟ୍ଟନାୟକ, ଲୋକନାଥ ଦଳାଇ, ମନୋଜ କୁମାର ଦାସ, ଶଶାଙ୍କ ଶେଖର ମିଶ୍ର, ସନ୍ତୋଷ କୁମାର ଦାସ, ପି. ପ୍ରକାଶ, କେ. ଶ୍ରୀନିବାସ ରାଓ, ହରିହର ସ୍ୱାଇଁ, ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।




## ବାହାନଗା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଗିରଫ ୩ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

# ତଦନ୍ତର ଗଭୀରତା କୁ ଯାଇନି ସିବିଆଇ : ହାଇକୋର୍ଟ

କଟକ,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାହାନଗା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ତିନି ଅଭିଯୁକ୍ତ ମହମ୍ମଦ ଅର୍ମି ଖାନ୍, ଅରୁଣ କୁମାର ମହନ୍ତ ଏବଂ ପପୁ କୁମାରଙ୍କୁ ହାଇକୋର୍ଟ ଆଜି ଜାମିନ୍ ପ୍ରଦାନ କରିଛନ୍ତ । ତେବେ ଏହି ଜାମିନ୍ ପ୍ରଦାନ କରିବା ଅବସରରେ ହାଇକୋର୍ଟ ସେମାନଙ୍କ ଲାଗି କେତେକ କଠୋର ସର୍ତ୍ତ ମଧ୍ୟ ଧାର୍ଯ୍ୟ କରିଛନ୍ତି । ପ୍ରତ୍ୟେକ ଅଭିଯୁକ୍ତ ୫୦ ହଜାର ଟଙ୍କା ଏବଂ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନ୍‌ରେ ଯିବେ । ଟ୍ରାଏଲ୍ କୋର୍ଟରେ ପ୍ରତ୍ୟେକ ଶୁଣାଣିରେ ଅଭିଯୁକ୍ତମାନେ ହାଜର ହେବେଛ ତଦନ୍ତକାରୀ ଅଧିକାରୀ ଯେତେବେଳେ ଚାହିଁବେ ସେତେବେଳେ ସେମାନେ ତାଙ୍କ ନିକଟରେ ଉପସ୍ଥିତ ରହିବେ । ସାକ୍ଷୀମାନଙ୍କୁ ଧମକଚମକ ଏବଂ ପ୍ରଲୋଭିତ କରିବେ ନାହିଁ । ଦେଶଛାଡ଼ି କୌଣସି ପରିସ୍ଥିତିରେ ଯିବେ ନାହିଁ । ଯଦି ପାର୍ସପୋର୍ଟ ଥାଏ ତାହାକୁ ଟ୍ରାଏଲ୍ କୋର୍ଟଙ୍କ ନିକଟରେ ଜମା କରିବେ । ପ୍ରତି ୧୫ଦିନ ଅନ୍ତରରେ ତଦନ୍ତକାରୀ ଅଧିକାରୀଙ୍କୁ ତାଙ୍କ ଗତିବିଧ ସଂକ୍ରାନ୍ତରେ ଅବଗତ କରାଇବେ । ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଆଜି ଏହି ମାମଲାରେ ରାୟ ପ୍ରକାଶ କରି ଏହା କହିଛନ୍ତି । ଅପରପକ୍ଷରେ ହାଇକୋର୍ଟ ଏହି ମାମଲାରେ ଅଭିଯୁକ୍ତଙ୍କୁ ଜାମିନ୍ ଦେବା ପୂର୍ବରୁ ସିବିଆଇର ତଦନ୍ତକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ମାମଲାରେ ତଦନ୍ତର ପରିସର ବ୍ୟାପକ ହେବା ଆବଶ୍ୟକ । ସିଗ୍ନନାଲ ସିଷ୍ଟମ୍ ପାଇଁ ଦେଶରେ ବହୁ ସଂଖ୍ୟାରେ ଏହିଭଳି ଦୁର୍ଘଟଣାମାନ ବାରମ୍ବାର ଘଟୁଛି । ତେଣୁ ଏହି ଘଟଣାରେ ରେଳବାଇ କର୍ତ୍ତୃପକ୍ଷ ଏବଂ ସିବିଆଇ ଉଭୟ ଘଟଣାର ମୂଳକୁ ଯିବା ଉଚିତ୍ । ଏହାଦ୍ୱାରା ସେମାନେ କେବଳ ଘଟଣାର ଫୌଜଦାରୀ ଦୃଷ୍ଟିକୋଣକୁ ନେଇ ତଦନ୍ତ କରିବେ ନାହିଁ ବରଂ କେଉଁମାନଙ୍କ ପାଇଁ ଏହି ଘଟଣା ଘଟିଲା ଯେମିତିକି ରେଲୱେ ଟେକ୍ନିସିଆନ୍, ଇଞ୍ଜିନିୟର, ଏକ୍ସିକୁଟିଭଙ୍କର ଏହି ଦୁର୍ଘଟଣାରେ କ'ଣ ଭୂମିକା ରହିଛି ସେହିସବୁ ଦିଗକୁ ନେଇ ତଦନ୍ତ କରିବା ଆବଶ୍ୟକ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଦେଶରେ ଏହିଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହାକୁ ହାଲୁକା ଭାବେ ମଧ୍ୟ ନିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ବାହାନଗାରେ ଯେଉଁ ଦୁର୍ଘଟଣା ଘଟିଲା ସେଥିପାଇଁ ଅଦାଲତ ରେଳବାଇର ଏକ୍ସିକୁଟିଭ, ରେଳବାଇ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ମିଳିତ ଭାବେ ଦାୟୀ କରିଛନ୍ତି । ବାହାନଗା ବଜାର ଷ୍ଟେସନ୍ ମାଷ୍ଟରଙ୍କର ଏଥିରେ କି' ଭୂମିକା ରହିଛି ତାହାକୁ ଠିକ୍‌ଭାବେ ସିବିଆଇ ତଦନ୍ତ କରିନାହିଁ । ତେବେ ଯେହେତୁ ଏହି ମାମଲାରେ ତଦନ୍ତ ଶେଷ ହେବାସହ ଚାର୍ଜସିଟ୍ ମଧ୍ୟ ଦାଖଲ ସରିଛି ଏସବୁକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆବେଦନକାରୀଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି ।

## ଭିଜିଲାନ୍ସ ଭୁବନେଶ୍ୱର ଡିଭିଜନ୍ ପକ୍ଷରୁ

# ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ପାଇଁ ଶୋଭାଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମଙ୍ଗଳବାର ସକାଳେ ଭିଜିଲାନ୍ସ ଭୁବନେଶ୍ୱର ଡିଭିଜନ୍ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଶୋଭାଯାତ୍ରା ତଥା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜଭବନ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ଆରକ୍ଷୀ ନିରୀକ୍ଷକ ସଂଜୟ କୁମାର କୌଶଳ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରା ତଥା ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ, ଭିଜିଲାନ୍ସ ଭୁବନେଶ୍ୱର ଡିଭିଜନ୍ ଶ୍ରୀମତୀ ଅନୁପମା ଜେମ୍ସ, ଆରକ୍ଷୀଅଧିକ୍ଷକ, ଭିଜିଲାନ୍ସ ସେଲଡିଭିଜନ, କଟକ ଏମ୍. ରାଧାକ୍ରୀଷ୍ଣ, ଡିଆଇଜି, ସିବି ଆର୍. ପ୍ରକାଶ ପ୍ରମୁଖ ଯୋଗଦେଇ ଶୋଭାଯାତ୍ରା ଶେଷ ପର୍ଯ୍ୟନ୍ତ ସଚେତନତାରେ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଓଡ଼ିଶା ସ୍କେଟିଂ ଏକାଡେମୀ, ଭୁବନେଶ୍ୱରର ଛାତ୍ରଛାତ୍ରୀ ଯୋଗଦେଇ ରାଜ ଭବନ ଛକଠାରୁ କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ରିଜର୍ଭଅଫିସ୍, ପୋଲିସ କମିସନରେଟ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଭିଜିଲାନ୍ସ ଡିଭିଜନ ତରଫରୁ ଭିଡିଓ ୱାଲ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦୁର୍ନୀତି ନିବାରଣ ସଚେତନତା ବାର୍ତ୍ତା ପ୍ରଚାର ସହିତ ଛାତ୍ରଛାତ୍ରୀମାନେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଦୁର୍ନୀତିକୁ ନା କହିବା, ଲାଞ୍ଚଦେବା ଓ ନେବା ଏକ ଆଇନଗତ ଧର୍ତ୍ତବ୍ୟ ଅପରାଧ, ଦୁର୍ନୀତି ମୁକ୍ତ ସମାଜ ଗଠନ କରିବା, ଶପଥ ନେଇ ଦୁର୍ନୀତିକୁ ଲୋପ କରିବା ଭଳି ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# ବାଣୀ ବୀଥିକାର ସାରସ୍ୱତ ବନ୍ଧୁମିଳନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ବାଣୀ ବୀଥିକା ସାହିତ୍ୟ ପରିବାରର ପ୍ରଥମ ବାର୍ଷିକ ସାରସ୍ୱତ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲେଖକ ଓ କବିବନ୍ଧୁମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଉପସ୍ଥିତ ସାହିତ୍ୟାନୁରାଗୀ ଓ ଅତିଥି ମାନଙ୍କ ପରିଚୟ ପ୍ରଦାନ ପ୍ରକ୍ରିୟା ସମାପ୍ତ ପରେ କବିତାପାଠ ଉତ୍ସବ ଆୟୋଜିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଅତିଥି ଏବଂ ବକ୍ତାମାନେ ଓଡ଼ିଆ ସାହିତ୍ୟ ଉପରେ ସ୍ୱତନ୍ତ୍ର ଆଲୋଚନା କରିଥିଲେ । ଅବକ୍ଷୟ ମୁଖୀ ଓଡ଼ିଆ ସାହିତ୍ୟକୁ କିପରି ପତନରୁ ରକ୍ଷା କରାଯାଇ ପାରିବ, ସେସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବ୍ୟଙ୍ଗକବି ସୁବାସ ଚନ୍ଦ୍ର ପାତ୍ର ଓରଫ୍ ବାଇଡଙ୍କ ବାବାଙ୍କ ମଜାଳିଆ ବକ୍ତୃତା ଓ କବିତା ଶ୍ରୋତାମାନଙ୍କ ହୃଦୟକୁ ଛୁଇଁ ପାରିଥିଲା । କାର୍ଯ୍ୟକ୍ରମର ଅନ୍ତିମ ଅଧିବେଶନରେ ଉପସ୍ଥିତଥିବା ସମସ୍ତ କବି ଏବଂ ଲେଖକ ମାନଙ୍କୁ ପୁଷ୍ପଗୁଚ୍ଛ , ଉତରୀୟ , ସ୍ମାରକୀ ଓ ପ୍ରମାଣପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରଜ କିଶୋର ଜେନା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମ୍ପାଦକ ବିରେନ୍ଦ୍ର ସାହୁ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କଟକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ

# ବିଧାୟିକା ସୋଫିଆ ଫିରଦୋଷଙ୍କ ଆଲୋଚନା

କଟକ (ସ୍ୟୁ) :ବିଧାନସଭା ଠାରେ ପୂର୍ତ୍ତ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ସମ୍ବନ୍ଧୀୟ ତୃତୀୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ସଭ୍ୟ ବିଧାୟିକା ସୋଫିଆ ଫିରଦୋଷ ଯୋଗଦେଇ କଟକ ସହରର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । କଟକ ସହରରେ ଯେଉଁ ପ୍ରକଳ୍ପ ଗୁଡ଼ିକ ଅଧା ପାନ୍ତରିଆ ଭାବେ ବନ୍ଦ ହୋଇ ପଡିଛି ତୁରନ୍ତ ସେଗୁଡିକ ଆରମ୍ଭ କରି ସମାପ୍ତ କରିବାକୁ ଆଲୋଚନା କରିଥିଲେ । କଟକର ମୁଖ୍ୟ ପାଞ୍ଚ ଗୋଟି ଡ୍ରେନ ଗୁଡିକୁ ତୁରନ୍ତ ଆରମ୍ଭ କରିବାକୁ କହିଥିଲେ । ରିଂ ରୋଡର ସୌନ୍ଦର୍ଯ୍ୟକରଣ ସହ ୱାଲ ପିଣ୍ଟିଂ ପାଇଁ ମଧ୍ଯ କହିଥିଲେ । ପେଟାନାଳ ପୁନଃଉଦ୍ଧାର କାର୍ଯ୍ୟ, ବିଡାନାସୀ ମୁଖ୍ୟ ଡ୍ରେନ କାର୍ଯ୍ୟ ଓ ସିଡିଏ ସ୍ୱରେଜ କାର୍ଯ୍ୟ ଗୁଡିକ ଯଥାଶୀଘ୍ର ଆରମ୍ଭ ପାଇଁ ଆଲୋଚନା ହୋଇଥିଲା । କଟକ ସହରରେ ଏକ ଅଡିଟୋରିୟମ ନିର୍ମାଣ ପାଇଁ ମଧ୍ୟ କଥା ହୋଇଥିଲେ । ଏହା ସହିତ ଶିଶୁଭବନ ନୂତନ ବିଲଡିଂ ଖୋଲିବା, ଗଡଖାଇର ସୌନ୍ଦର୍ଯ୍ୟକରଣ, ନୂତନ ଭେଣ୍ଡିଂ ଜୋନ ନିର୍ମାଣ, ଆମ ପୋକହରି ଯୋଜନାରେ ପୋଖରୀ ଗୁଡିକୁ ସୌନ୍ଦର୍ଯ୍ୟକରଣ, ସିଡିଏ ବିଜୁ ପଟ୍ଟନାୟକ ପାର୍କ ଖୋଲିବା ସଂପର୍କରେ ବୈଠକରେ ବିଧାୟିକା ସୋଫିଆ ଆଲୋଚନା କରିଥିଲେ ।

# ଭୋଟର ତାଲିକା ସଂଶୋଧନ ଅବସରରେ ପଥ ଉତ୍ସବ

ପୁରୀ, (ସବ୍ୟୁ): ଭୋଟର ପରିଚୟ ପତ୍ର ମତଦାନ ସହ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରେ ବ୍ୟବହୃତ ହୋଇଥାଏ। ତେଣୁ ପ୍ରତ୍ୟେକ ସଚେତନ ହୋଇ ନିଜର ସଠିକ ଭୋଟର ପରିଚୟ ପ୍ରସ୍ତୁତ ରେ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତିଛଆଜି ପୂର୍ବାହ୍ନରେ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅବସରରେ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଚଳିତ ବର୍ଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିଛି । ୧ ଜାନୁଆରୀ ୨୦୨୫ କୁ ଯେଉଁ ମାନଙ୍କୁ ୧୮ ବର୍ଷ ବା ତଦୁର୍ଦ୍ଧ ବର୍ଷ ହେଉଛି ସେମାନେ ଭୋଟର ହେଲ୍ପ ଲାଇନ ଆପ ମାଧ୍ୟମରେ କିମ୍ବା ବି ଏଲ ଓ ଙ୍କ ମାଧ୍ୟମରେ ଭୋଟର ତାଲିକା ରେ ସାମିଲ ପାଇଁ ଫର୍ମ ନମ୍ବର ୬ ରେ ଆବେଦନ କରିପାରିବେ । ସେହିପରି ମୃତ୍ୟୁ ଇତ୍ୟାଦି କ୍ଷେତ୍ରରେ ୭ ନମ୍ବର ଫର୍ମ ରେ ବାଦ,୮ ନମ୍ବର ଫର୍ମରେ ନାମ, ତଥ୍ୟ, ଫଟୋ ଠିକଣା ଇତ୍ୟାଦି ସଂଶୋଧନ ପାଇଁ ଆବେଦନ କରିପାରିବେଛପ୍ରତିଟି ଭୋଟ ମୂଲ୍ୟବାନଛତେଣୁ ନିର୍ବାଚନ ସମୟରେ ପ୍ରତ୍ୟେକ ଭୋଟର ମତଦାନ କରିବାକୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ମତଦାତାଙ୍କ ମତଦାନ ଗଣତନ୍ତ୍ର କୁ ସୁଦୃଢ଼ କରିଥାଏ । ତେଣୁ ପ୍ରତ୍ୟେକ ସାବାଳକ ଭୋଟର ତାଲିକାରେ ନିଜ ନାମ କୁ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ମତ ଦେଇଥିଲେଛନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ସହ ଭୋଟର ତାଲିକା ସଂଶୋଧନ ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେଛପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରା ମେଡ଼ିକାଲ ଛକ ଠାରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ପହଞ୍ଚିଥିଲା । ଏହି ଅବସରରେ ଝୋଟି ମୁରୁଜ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ସଂଶୋଧନ କାର୍ଯ୍ୟକ୍ରମ ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବଛନଭେମ୍ବର ମାସ ୨,୧୦,୧୬ ଓ ୨୪ ତାରିଖ କୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ଧାର୍ଯ୍ୟ କରାଯାଇଛି ।

## ୩୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ : ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଅବକାରୀ ଟିମ୍ ୩ଜଣ ବ୍ରାଉନସୁଗର ବ୍ୟବସାୟୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୦୧ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଜବତ ବ୍ରାଉନସୁଗରର ମୂଲ୍ୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ଆକଳନ କରିଛି । ଜଟଣୀ ଓ ଖୋର୍ଦ୍ଧା ଅଞ୍ଚଳର ଦୁଇଜଣ ପେସାଦାର ବ୍ରାଉନସୁଗର ବ୍ୟବସାୟୀ ଅନ୍ୟ ଜଣେ ଗ୍ରାହକଙ୍କୁ କଳ୍ପନା ଛକରେ ବ୍ରାଉନସୁଗର ଦେଉଥିବା ବେଳେ ସେଠାରେ ପୂର୍ବରୁ ସତର୍କ ଥିବା ଅବକାରୀ ଟିମ୍ ୩ଜଣଙ୍କୁ କାବୁ କରିନେଇଥିଲା । ସେମାନେ ବ୍ରାଉନସୁଗର କାରବାରରେ ବ୍ୟବହାର କରିଥିବା ପଲସର ବାଇକ୍ ମଧ୍ୟ ଜବତ ହୋଇଛି । ଖୋର୍ଦ୍ଧା, ଜଟଣୀ ଅଞ୍ଚଳର ଦୁଇ ବ୍ୟବସାୟୀ ବାରମ୍ବାର ଗିରଫ ହୋଇ ଜେଲ୍ ଯାଉଛନ୍ତି । ଜେଲ୍‌ରୁ ଫେରିବା ପରେ ପୁଣି ସେହି ବ୍ୟବସାୟ କରୁଛନ୍ତି । ଜଟଣୀ, ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ ଥାନାରେ ଗିରଫ ଦୁଇ ବ୍ୟବସାୟୀଙ୍କ ନାଁରେ ବ୍ରାଉନସୁଗର କାରବାର ମାମଲା ରହିଛି । ବ୍ରାଉନସୁଗର କାରବାର କରୁଥିବା ବହୁ ବ୍ୟବସାୟୀଙ୍କୁ ପୋଲିସ୍‌-ଅବକାରୀ ବାରମ୍ବାର ଗିରଫ କରି କୋର୍ଟଚାଲାଣ କରିଥିଲେ ମଧ୍ୟ ସେମାନେ ନୂଆ ନୂଆ ତରିକାରେ କାରବାର ଜାରି ରଖୁଛନ୍ତି । ତଦନ୍ତ ବ୍ୟାହତ ହେବା ଆଶଙ୍କାରେ ଗିରଫ ୩ଜଣଙ୍କ ନାମ ପ୍ରକାଶ କରାଯାଉନାହିଁ ।



ଓଡିଶା ସିଭିଲ୍ ସର୍ଭିସ୍ ( ଓସିଏସ୍ ) ପରୀକ୍ଷାରେ ୨୩ ତମ ସ୍ଥାନ ହାସଲ କରିଥିବା ଭୁବନେଶ୍ୱର ନୂଆଗାଁ ଦିବ୍ୟନଗରର ସୌମ୍ୟା ସ୍ୱାଗତିକା ସ୍ୱାଇଁଙ୍କୁ ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ବାଲକୋ ମେଡିକାଲ ସେଣ୍ଟର ପକ୍ଷରୁ

# ସ୍ତନ କର୍କଟ ଉପରେ ସଚେତନତା ପାଇଁ ବାଇକ ରାଲି

ଭୁବନେଶ୍ୱର, (ସବ୍ୟୁ): ରାୟପୁରର ବାଲକୋ ମେଡିକାଲ ସେଂଟର ପକ୍ଷରୁ ସ୍ତନ କର୍କଟ ରୋଗ ଉପରେ ଶ୍ରମ ଛୋଡ଼ୋ, ଗାନ୍ଥୋପେ ବୋଲୋ ଅଭିଯାନର ଅଂଶ ଭାବରେ ଏକ ବାଇକ ରାଲି ଆୟୋଜନ କରାଯାଇଥିଲା। ସ୍ତନ କର୍କଟ ସଚେତନତା ମାସ ଭାବରେ ସର୍ବଭାରତୀୟ ସ୍ତରରେ ଅକ୍ଟୋବର ମାସକୁ ପାଳନ କରାଯାଇଥାଏ। ଏହି ରୋଗର ଲକ୍ଷଣ ଓ ରୋଗ ବିଷୟରେ ଉପଯୁକ୍ତ ଚିକିତ୍ସା ଲାଗି ଲୋକମାନଙ୍କୁ ଶିକ୍ଷାଦେବା ଲାଗି ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ହୋଇଥାଏ। ରାୟପୁରର ମେରାଇନ ଡ୍ରାଇଭରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଛତିଶଗଡ଼ର ମେଡିକାଲ ଶିକ୍ଷା ମନ୍ତ୍ରୀ ଶ୍ୟାମ ବିହାରୀ ଜୟସୱାଲ ଏହି ରାଲିକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ସେ ତାଙ୍କ ଭାଷଣରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସଂପର୍କରେ ଆଲୋକପାତ କରି ସ୍ତନ କର୍କଟ ରୋଗର ଗୁରୁତ୍ୱ ଓ ଏହାର ସଠିକ ନିରୂପଣ ତଥା ଚିକିତ୍ସା ବିଷୟରେ ଲୋକମାନଙ୍କୁ ଉଦବୋଧନ ଦେଇଥିଲେ । ବାଲକୋ ମେଡିକାଲର ମେଡିକାଲ ନିର୍ଦ୍ଦେଶକ ଡ. ଭାବନା ସିରୋହି କହିଥିଲେ ଯେ ଭାରତରେ ଦଶ ଜଣ ମହିଳାଙ୍କ ମଧ୍ୟରୁ ଜଣକ ଠାରେ ସ୍ତନ କର୍କଟ ହେବାର ସମ୍ଭାବନା ରହିଛି। ଏଥିପାଇଁ ଜୀବନଶୈଳୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରୋଗକୁ ଯଥା ସମୟରେ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଦ୍ୱାରା ଆରୋଗ୍ୟ କରାଯାଇ ପାରିବ। ରୋଗକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଗରୁତ୍ୱପୂର୍ଣ୍ଣ ଅଟେ । ନଭା ରାୟପୁରଅଟଳ ନଗର ବିକାଶ ପ୍ରାଧିକରଣ ଓ ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ ଦ୍ୱାରା ସମର୍ଥିତ ଏହି ରାଲିରେ ସକ୍ରିୟ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା ଏବଂ ସ୍ତନ କର୍କଟର ଲକ୍ଷଣ, ଯାଂଚ ଓ ଚିକିତ୍ସା ବିକଳ୍ପ ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା। ଏଥିରେ ୧୦ଟି ବାଇକର ଗୋଷ୍ଠୀ, ଭାରତୀୟ ସେବା, ସିଆରପିଏଫ, କର୍ପୋରେଟ ଓ ଗୋଷ୍ଠୀ ସଦସ୍ୟ ୨୫୦ରୁ ଅଧିକ ଲୋକ ଯୋଗ ଦେଇଥିଲେ । ବାଲକୋ ମେଡିକାଲରେ ସ୍ତନ କର୍କଟ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ ସମ୍ମାନାର୍ଥେ ଏକ ପ୍ରତୀକାତ୍ମକ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା ।




## ସିଭିଲ ସର୍ଭିସ ସଫଳତା ପାଇଁ

## ସୁମନ୍ତ ସେନାପତି ସମ୍ବର୍ଦ୍ଧିତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ କୁରିକଣା ଗ୍ରାମର ସୁମନ୍ତ ସେନାପତି ୨୦୨୨ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ୨୪୮ ତମ ର୍ୟାଙ୍କ ହାସଲ କୃତିତ୍ୱ ହାସଲ କରିଥିବାରୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ 'ସାପ୍' ପକ୍ଷରୁ ତାଙ୍କୁ ବୁଧବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଙ୍ଗଠନ ସଦସ୍ୟ ତଥା ସ୍ଥାନୀୟ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଲଳିତ କୁମାର ରାଉତ, ଦେବଦତ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର, ସଞ୍ଜିବ ରାଉତ, ରବିନ୍ଦ୍ର ଜେନା, କାର୍ତ୍ତିକ ଜେନା, ପ୍ରଭାକର ପାତ୍ର, ଆକାଶ ନାୟକ, କୃଷ୍ଣଚନ୍ଦ୍ର ନାୟକ, ଶରତ ପଲାଇ, ସ୍ଥାନୀୟ ସରପଞ୍ଚ ରମେଶ ଜେନା, ଅକ୍ଷୟ ଜେନା, ମିଳନ ଜେନା ପ୍ରମୁଖ କୁରିକଣା ବାସଭବନରେ ସୁମନ୍ତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶ୍ରୀଗଣେଶଙ୍କ ଫଟୋଚିତ୍ର ପିତା ପ୍ରଭାତ ସେନାପତି ଓ ମାତା ଉଷାରାଣୀ ଉପସ୍ଥିତିରେ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଓ ସୁମନ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ମସ୍ତିଷ୍କ ଆଘାତ ଜନିତ ସମସ୍ୟା

# ବିଶ୍ୱରେ ମୃତ୍ୟୁର ଦ୍ୱିତୀୟ ବୃହତ୍ କାରଣ : ଅଶୋକ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ସାରା ବିଶ୍ୱରେ ହୃଦଘାତ ମଣିଷର ମୃତ୍ୟୁର ପ୍ରଥମ ବୃହତ କାରଣ ହୋଇଥିବା ବେଳେ ମସ୍ତିଷ୍କରେ ଆଘାତ ଅଥବା ବ୍ରେନ୍ ଷ୍ଟ୍ରୋକ୍ ଯୋଗୁଁ ହେଉଥିବା ମୃତ୍ୟୁ ଦ୍ୱିତୀୟ ବୃହତ କାରଣ ବୋଲି କହିଛନ୍ତି ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ମଙ୍ଗଳବାର ଆୟୋଜିତ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଫେସର ମହାପାତ୍ର କହିଥିଲେ ଯେ ମସ୍ତିଷ୍କରେ ଆଘାତ ଘଟିଲେ ମଣିଷ ପକ୍ଷାଘାତ, ଦୃଷ୍ଟିହୀନ କିମ୍ବା ବାକ୍‌ଶକ୍ତିହୀନ ହେବା ସହ କୋମାକୁ ମଧ୍ୟ ଚାଲିଯାଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ମେଦବହୁଳତା ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରମୁଖ କାରଣ । ତେଣୁ ମଣିଷ ଏହି ରୋଗରୁ ନିଜକୁ ଦୂରେଇ ରଖିବା ପାଇଁ ଜୀବନ ଶୈଳୀରେ ପରିବର୍ତ୍ତନ କରିବା ଜରୁରୀ ବୋଲି ସେ କହିଥିଲେ । ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମ'ସିଂହାର କହିଥିଲେ ଯେ ଷ୍ଟ୍ରୋକ୍‌ରୁ ରୋଗୀ ବହୁ ମାତ୍ରାରେ ସୁସ୍ଥ ହୋଇପାରିବେ। ରୋଗୀଙ୍କ ସୁରକ୍ଷା ନିମନ୍ତେ ହସ୍ପିଟାଲର ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କୁ ନିରାପତା ଜନିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି ବିଭାଗର ନୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଶ୍ରୀକାନ୍ତ ସାହୁ ହସ୍ପିଟାଲକୁ ଆସୁଥିବା ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଏକ ଷ୍ଟ୍ରୋକ୍ କ୍ଲିନିକ୍ ଆରମ୍ଭ କରିବାର ପ୍ରସ୍ତାବ ଦେଇଥିବା ବେଳେ କାର୍ଯ୍ୟକ୍ରମର ଆୟୋଜକ ପ୍ରଫେସର ଲୁଲୁପ କୁମାର ସାହୁ ଏକ ଷ୍ଟ୍ରୋକ୍ ଟିମ୍ ତଥା ଷ୍ଟ୍ରୋକ୍ କୋର୍ଡିନେଟରଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ରୋଗୀ ହସ୍ପିଟାଲ୍‌କୁ ଆସିଲେ ଯେଭଳି ତାର ଚିକିତ୍ସାରେ ବିଳମ୍ବ ନ ହୁଏ ସେ ଦିଗରେ ଏହି ଷ୍ଟ୍ରୋକ୍ ଟିମ୍ ବେଶ ସହାୟକ ହେବ ବୋଲି ପ୍ରଫେସର ସାହୁ କହିଥିଲେ। କାର୍ଯ୍ୟକ୍ରମକୁ ନ୍ୟୁରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଶ୍ରୀମନ୍ତ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ଅନିଲ ସାହୁ 'କୋଡ୍ ଷ୍ଟ୍ରୋକ୍' ସମ୍ପର୍କିତ ଏକ ବିବରଣୀ ଉପସ୍ଥାପନା କରିଥିଲେ। ମଙ୍ଗଳବାର ସକାଳେ ବିଶ୍ୱ ଷ୍ଟ୍ରୋକ୍ ଦିବସ ଅବସରରେ ଏକ ୱାକାଥନ୍‌ର ମଧ୍ୟ ଆୟୋଜନ କରାଯାଇଥିଲା।



# ଶିଶୁକିଶୋର ପତ୍ରିକା 'ସଂସାର'ର ବାର୍ଷିକ ସମାରୋହ

କଣ୍ଟାପଡା (ସବ୍ୟୁ): ମଙ୍ଗଳବାର ପ୍ରଥିତଯଶା ଶିଶୁସାହିତ୍ୟିକ, ଆଦର୍ଶ ଶିକ୍ଷକ, ପ୍ରବୀଣ ଗାନ୍ଧିବାଦୀ ତଥା ମହାମାନବୀୟ ମୂଲ୍ୟବୋଧର ମୂର୍ତ୍ତିମନ୍ତ ପ୍ରତୀକ 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନାର ରଚୟିତା ପୁଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ତାଙ୍କର ମାନସ ସନ୍ତାନ ଶିଶୁକିଶୋର ପତ୍ରିକା 'ସଂସାର'ର ୬୯ତମ ବାର୍ଷିକ ସମାରୋହ ପୁଣ୍ୟାତ୍ମାଙ୍କ ଜନ୍ମସ୍ଥାନ କଣ୍ଟାପଡା ବ୍ଲକ, ବାଇରୋଇ ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଇଂ. ପ୍ରଭାତ କୁମାର ନନ୍ଦଙ୍କ ପୃଷ୍ଠପୋଷକତାରେ ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାଂସଦ ଜଗତସିଂହପୁର ଡ଼. ବିଭୁ ପ୍ରସାଦ ତରାଇ, ବିଧାୟକ ନିଆଳୀ ଇଂ. ଛବି ମଲ୍ଲିକ୍ ଉପସ୍ଥିତ ରହି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ଏବଂ ସାଂସଦଙ୍କ ସହିତ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶକ୍ତି ପ୍ରସାଦ ଦାସ ଓ 'ସଂସାର'ର



ସଂପାଦିକା ଅନସୂୟା ନନ୍ଦ ଯୋଗଦେଇ ପୁଣ୍ୟାତ୍ମା ନନ୍ଦଙ୍କର ସ୍ମୃତିଚାରଣ କରିଥିଲେ। 'ସଂସାର' ପତ୍ରିକାର କୃତି ଲେଖକ ଡ଼. ସୁନାମଣି ରାଉତ, ଜୟନ୍ତିକା, ନଗେନ୍ଦ୍ରନାଥ ପଟ୍ଟନାୟକ, ଲକ୍ଷ୍ମଣ ମଲ୍ଲିକଙ୍କୁ 'ସଂସାର'ର ଲେଖକ ସମ୍ମାନରେ ସମ୍ମାନୀତ କରାଯାଇଥିଲା।ସଂସାର ଆଜୀବନ ଲେଖକ ସମ୍ମାନରେ ରାଜକିଶୋର ପାଢ଼ୀଙ୍କୁ ସମ୍ମାନୀତ କରାଯାଇଥିଲା। ରାମକୃଷ୍ଣ ନନ୍ଦ ସେବା ସମ୍ମାନ-୨୦୨୪ରେ ଏସ୍‌ଭି ନିରତାରର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ରାମକୃଷ୍ଣ ନନ୍ଦଙ୍କ ରଚିତ 'ଆହେ ଦୟାମୟ ବିଶ୍ୱ ବିହାରୀ' ଓ 'ଝିପି ଝିପି ବରଷାରେ'କବିତାକୁ ଆରାଧନା ଗ୍ରୁପର ଛାତ୍ରୀ ସୁଜିତା ପ୍ରିୟଦର୍ଶିନୀ, ଶୁଭଜ୍ୟୋତି, ମୋନାଲିସା ସାହୁ ଆବୃତି କରିଥିଲେ। ଲେଖକ କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀଙ୍କ ରଚିତ ଗୀତି କବିତା 'ରୁପାଝରା ଜହ୍ନ ରାତି' ଓ ସସ୍ମିତା ଭୋଳଙ୍କ ଶିଶୁ କବିତା ପୁସ୍ତକ 'ଫୁଲେ ଫୁଲେ ଉଡେ ପରଜା ପତି' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶେଷରେ ପରିଷଦର ସଂପାଦକ ପ୍ରକାଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଲେଖକ, ସହିତ୍ୟିକ, ବୁଦ୍ଧିଜୀବୀଙ୍କ ସହିତ ପୁଣ୍ୟାତ୍ମା ନନ୍ଦଙ୍କ ପରିବାର ସଦସ୍ୟମାନେ ଉପସ୍ଥିତଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ସହ ସଂପାଦକ ସଂଗ୍ରାମ କେଶରୀ ରାଉତରାୟ, ପ୍ରିୟବ୍ରତ ରାଉତରାୟ, ସନ୍ତୋଷ ରାଉତ, ସଞ୍ଜୟ ସ୍ୱାଇଁ ଚିନ୍ମୟ ଦାସ ଓ ସୋନାଲି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାରିଛକ ଅଞ୍ଚଳରୁ ବାଣ ଜବତ

ନିମାପଡା,(ସବ୍ୟୁ): ଗତ ସୋମବାର ଚାରିଛକ ଥାନା ଅ'ର୍ଗତ ତୁଳସୀପୁର ବଜାରରୁ ଚାରିଛକ ପୁଲିସ ଚଢାଉ କରି ବିପୁଳ ପରିମାଣର ବେଆଇନ ବାଣ ଜବତ କରିବା ସହ ଜଣକୁ ଅଟକ ରଖିଥିବା ଜଣାପଡିଛି । ଦୀପାବଳୀ ଉପଲକ୍ଷେ ଏହି ଥାନା ଅନ୍ତର୍ଗତ ତୁଳସୀପୁର ବଜାରରେ ବେଆଇନ ବାଣ ବିକ୍ରୀ ହେଉଥିବା ଖବର ପାଇଁ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢଉ କରିଥିଲେ । ପ୍ରଶାସନ ଠାରୁ ଅନୁମତି ନ ନେଇ ବେଆଇନ ଭାବେ ବିକ୍ରୀ ହେଉଥିବା ବାଣକୁ ପୁଲିସ ଜବତ କରିବା ସହ ଏକ ମାମଲା ରୁଜୁ କରିଛି । ପୁଲିସ ଜଣକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ।

# ଟ୍ରକକୁ ପିଟିଲା ଯାତ୍ରୀବାହି ଅଟୋରିକ୍ସା: ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ,(ସବ୍ୟୁ) : ସୋମବାର ବିଳମ୍ବିତ ରାତି ପ୍ରାୟ ଗୋଟିଏ ବେଳେ ପୁରୀ ରୁ ପ୍ରଭୁ ଜଗନ୍ନାଥ ସାରି ଛଅ ଜଣ ମହିଳା ଏକ ଯାତ୍ରିବାହି ଅଟୋରିକ୍ସାରେ ଗଞ୍ଜାମ ଜିଲ୍ଲା କୋଦଳା ଅଞ୍ଚଳକୁ ଫେରୁଥିଲେଛ ୧୬ ନମ୍ବର ଜାତୀୟ ରାଜପଥ ର ଟାଂଗୀ ଥାନା ଅଧିନସ୍ଥ ଚଣ୍ଡେଶ୍ୱର ନିକଟରେ କୌଣସି କାରଣରୁ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ଯାତ୍ରିବାହି ଅଟୋରିକ୍ସା ଧକକା୍ ଦେବା ଫଳରେ ଘଟଣା ସ୍ଥଳରେ ଜଣେ ମହିଳା ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅଟୋରିକ୍ସା ଡ୍ରାଇଭର ସମେତ ୬ ଜଣ ମହିଳା ଯାତ୍ରୀ ଟାଂଗୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ କାର୍ତିକ ମାସ ଯୋଗୁ ଗଂଜାମ ଜିଲ୍ଲା କୋଦଳା ଥାନା ଅଧିନସ୍ଥ ଡିଗାପଡାର କିଛି ମହିଳା ପୁରୀରୁ ପ୍ରଭୁ ଜଗନ୍ନାଥ ଦର୍ଶନ ସାରି ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥ ର ଟାଂଗୀ ଥାନା ଅଧିନସ୍ଥ ଚଣ୍ଡେଶ୍ୱର ନିକଟରେ ରାସ୍ତା ପାର୍ଶ୍ୱରେ ଏକ ଟ୍ରକ ଛିଡା ହୋଇଥିଲା ଫେରୁଥିବା ଅଟୋରିକ୍ସା ଉପରେ ସମ୍ମୁଖରୁ ଆସୁଥିବା ଗାଡି ର ଲାଇଟ ପଡିବା ଯୋଗୁ ଅଟୋରିକ୍ସା ଡ୍ରାଇଭର ବାମପଟ ଛିଡା ହୋଇ ଥିବା ଟ୍ରକ କୁ ଦେଖିପାରି ନଥିଲା। ଫଳରେ ଅଟୋରିକ୍ସାଟି ଟ୍ରକ ସହ ଧକକା୍ ହୋଇଥିଲା। ଫଳରେ ଅଟୋରିକ୍ସା ଡ୍ରାଇଭର ବାମପଟେ ବସିଥିବା କୋଦଳା ଥାନା ଅଧିନସ୍ଥ ଦିଗାପଡାର ସ୍ୱର୍ଗତ ଶ୍ରୀକାନ୍ତ ମିଶ୍ରଙ୍କ ବିଧବା ପତ୍ନୀ ସ୍ନେହାମଂଜରି ମିଶ୍ର(୫୩) ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଦୁର୍ଘଟଣା ଫଳରେ ଅଟୋରିକ୍ସା ଡ୍ରାଇଭର ରଞ୍ଜିତ ଦାସଙ୍କ ସମେତ ଦିଗାପଡାର ଅନ୍ୟ ୫ ଜଣ ମହିଳା ଗୁରୁତର ଅବସ୍ଥାରେ ଟାଂଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଟାଂଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ମହିଳାଙ୍କ ଶବ ରଖାଯାଇଥିବା ବେଳେ ଟାଂଗୀ ପୁଲିସ ଅଟୋରିକ୍ସା ଜବତ କରି ଘଟଣା ର ତଦନ୍ତ କରୁଥିବା ଜଣାପଡିଛି।

# ବାଲିପାଟଣା ମାଟିର ପୁଅକୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ପୁରସ୍କାର



ବାଲିପାଟଣା,(ସବ୍ୟୁ) : କଟକ ଶତାବ୍ଦୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି ଚତୁର୍ଥ ସିଲଭର୍ ସିଟି ଇଣ୍ଟରନ୍ୟାସନାଲ ଚଳଚ୍ଚିତ୍ର ମହୋତ୍ସବ।ଏଥିରେ ଦେଶ ବିଦେଶରୁ ଅନେକ ଚଳଚ୍ଚିତ୍ର ଭାଗ ନେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ନିର୍ଦ୍ଦେଶକ ଅରୁଣ ମହାନ୍ତି, ମୁଖ୍ୟ ବକ୍ତା ଭାବରେ ଅଭିନେତା ଶ୍ରୀତମ ଦାସ , ଅନ୍ୟମାନଙ୍କ ମଧ୍ୟରେ ବ୍ୟଙ୍ଗ କବି ଜ୍ଞାନ ହୋତା, ସଂଗୀତଜ୍ଞ ସୁବାସ ରାମ , ବ୍ୟଙ୍ଗ କବି ଧର୍ମଛତା ।ପ୍ରମାଣିକ ଚଳଚ୍ଚିତ୍ର ଶିଶୁ ଅନନ୍ତ ଙ୍କ ଗାଥା ପାଇଁ ଶ୍ରେଷ୍ଠ ପ୍ରମାଣିକ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଥିଲା । ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ବାଲିପାଟଣା ମାଣଟିରପୁଅ ଶେଖ୍ ଗୁଲଜାର୍ ହୁସେନ୍‌ଙ୍କୁ ମାନପତ୍ର ,ଫଳକ ,ଉତୋରିୟ ଓ ଫୁଲତୋଡ଼ା ଦେଇ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ ।ଏହି ଚଳଚ୍ଚିତ୍ରର ର ପୁର୍ଣ୍ଣ ସଫଳ ତା ପାଇଁ ଚଳଚ୍ଚିତ୍ରର ପୁରା ଟିମ ଲେଖିକା ତନୟା ଦାସ ଗୋସ୍‌ସ୍ୱାମୀ,ହରିଶ୍ ମହାନ୍ତି,ଅନୁଜ ପଟ୍ଟନାୟକ, ସୁରଜ୍ ପଟ୍ଟନାୟକ ଓ ନିହାରିକା ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିପାଇଁ ବାଲିପାଟଣା ଅଞ୍ଚଳବାସି ଚଳଚିତ୍ର ର୍ନିମାଣ କରିଥିବା ପୁରା ଟିମକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ପଥ ଉତ୍ସବରେ ଭୋଟରସଚେତନ କାର୍ଯ୍ୟକ୍ରମ

ବାଙ୍କୀ, (ସବ୍ୟୁ):କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡରେଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ – ୨୦୨୫ ସହିତ ନୂତନ ଭୋଟର ମାନଙ୍କୁ ସଂଯୋଗ କରିବା ପାଇଁ ସଚେତନ ସୃଷ୍ଟି କରାଇବା ଉପଲକ୍ଷେ ମଙ୍ଗଳବାର ଦିନ ଉପଜିଲ୍ଲାପାଳ ଶ୍ରୀ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଏକ ପଥ ଉତ୍ସବ ଆୟୋଜନ କରାଯାଇଥିଲା। ସକାଳ ସାଢ଼େ ୭ଟାରେ ର ବାଙ୍କୀ–ଡମପଡା ବ୍ଲକ କାର୍ଯ୍ୟାଳୟ ଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଉପଖଣ୍ଡରେ ଥିବା ମହାବିଦ୍ୟାଳୟ ଅଧକ୍ଷ ତଥା ଛାତ୍ର ଛାତ୍ରୀ ଯୋଗଦେଇ ପ୍ଲାକାର୍ଡ ମାଧ୍ୟମରେ ଜନ ସାଧାରଣଙ୍କ ମଧ୍ୟରେ ର୍ନିବାଚନରେ ମତଦାନର ମହତ୍ୱ ସମ୍ପର୍କରେ ସଚେତନତା ର ବାର୍ତା ପହଞ୍ଚାଇଥିଲେ। ଏଥି ସହିତ ବାଙ୍କୀ କଲେଜ ଛକ, ନୃସିଂହ ଛକ ଏବଂ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ଓ ନୃତ୍ୟର ଆୟୋଜନ କରାଯାଇ ଥିଲା ଆଗାମୀ ର୍ନିବାଚନ ରେ ଭାଗ ନେବାକୁ ଥିବା ନୂତନ ଭୋଟର ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା. ଉପଜିଲ୍ଲାପାଳ ଶ୍ରୀ ଦେବୀ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମର ସମ୍ୟକ ବିବରଣୀ ଦେବା ସହ ନିଜର ବାର୍ତାରେ ଭୋଟରମାନଙ୍କୁ ମତଦାନ କରିବା ନିମନ୍ତେ ଉତ୍ସାହିତ କରିଥିଲେ. କାର୍ଯ୍ୟକ୍ରମ ରେ ଡମପଡା ତହସିଲଦାର ସୁଚିସ୍ମିତା ଦାଶ, ବାଙ୍କୀ ତହସିଲଦାର ଶ୍ରୀ ଅଶେଷ କୁମାର ନାଏକ, ଏନ. ଏ. ସି ର୍ନିବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଅନ୍ୟାନ୍ୟ ସରକାରୀ ଅଧିକାରୀ ଓ କର୍ମଚାରୀ ଗଣ ଉପସ୍ଥିତ ଥିଲେ।

# ମଦୁଆ ଚାଳକ ଧରପଗଡ଼ : ୩ ଲାଇସେନ୍ସ ରଦ୍ଦ,୩.୬୨ ଲକ୍ଷ ଜୋରିମାନା ଆଦାୟ

ନିରାକାରପୁର,(ସବ୍ୟୁ): ସୋମବାର ସନ୍ଧ୍ୟାରେ ଖୋର୍ଦ୍ଧା ପରିବହନ ବିଭାଗ ଓ ପୋଲିସ ତରଫରୁ ମିଳିତ ଭାବେ ଜଂକିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଗୋଡ଼ିପଡ଼ା ଟୋଲଗେଟ ନିକଟରେ ମଦୁଆ ଚାଳକ ଧରପଗଡ଼ କରାଯାଇଥିଲା। ମଦୁଆ ଚାଳକ ଚିହ୍ନଟ ହେବ ସହିତ ଗାଡ଼ିର ଅନ୍ୟାନ୍ୟ କାଗଜପତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ ମଦୁଆ ଚାଳକ ମାନେ ହରଡ଼ଘଣାରେ ପଡ଼ି କେଉଁ ବାଟେ ଖସି ପକାଇବାକୁ ଚେଷ୍ଟା କରିଥିଲେ। ଗାଡି ଚାଳକ ମାନଙ୍କ ମୁହଁରେ ମଦ ମାପ ଯନ୍ତ୍ର ଲଗାଇ ଯାଞ୍ଚ ବେଳେ ୩ ମଦୁଆ ଚାଳକ ଚିହ୍ନଟ ହୋଇଥିଲେ। ୩ ଜଣଙ୍କର ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇଛି। ଗାଡ଼ିର ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ବେଳେ ସମୁଦାୟ ୩ ଲକ୍ଷ ୬୨ ହଜାର ୫୯୦ ଟଙ୍କା ଜୋରିମାନା ହୋଇଥିବାବେଳେ ଆଦାୟ ହୋଇଥିବା ଟ୍ରାଫିକ ସବ ଇନ୍ସପେକ୍ଟର ତୃପ୍ତି ରେଖା ଜେନା ଠାରୁ ଜଣାପଡିଛି। ଏହି ଯାଞ୍ଚ ବେଳେ ବିଭାଗୀୟ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କାର୍ଯ୍ୟକ୍ରମ

ବାଙ୍କୀ,(ସବ୍ୟୁ) : ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ପରିପ୍ରେକ୍ଷିରେ ବାଙ୍କୀ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଶପଥ ପାଠ ଉତ୍ସବ ଡେପୁଟି କଲେକ୍ଟର ହୃଷିକେଶ ତ୍ରିପାଠୀଙ୍କ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ତହସିଲ, ଉପକୋଷାଗାର,ବାଙ୍କୀ ବ୍ଲକ ର କର୍ମଚାରୀ ମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତେ ନିଜ ନିଜର କାର୍ଯ୍ୟ ରେ ସାଧୁତା, ସ୍ୱଚ୍ଛତା ଏବଂ ଦୁର୍ନୀତି ମୁକ୍ତ ରହି କାଯ୍ୟ କରିବା ପାଇଁ ଶପଥ ପାଠ କରିଥିଲେ ।ଏହି ଶପଥ ପାଠ କାର୍ଯ୍ୟ କ୍ରମରେ ଉପକୋଷଗାର ଅଧିକାରୀ ସଞ୍ଜୟ କୁମାର ଧଳ , ସହକାରୀ ଜିଲ୍ଲାପାଳ ଧନଞ୍ଜୟ କିଷାନ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପଠାଣି ବାରିକ, ମୁଖ୍ୟ କିରାଣୀ ଜୟନ୍ତୀ କୁମାରୀ ରାଉତ,ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳି ଚରଣ ତ୍ରିପାଠୀ, ବାଙ୍କୀ ତହସିଲ ଓ ଉପଜିଲ୍ଲାପାଳଙ୍କ କଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

# ଏସିଭି ନିରତାରରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ



କଣ୍ଟାପଡ଼ା,(ସବ୍ୟୁ): ଭାରତ ସରକାରଙ୍କ ଅଧିନସ୍ଥ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସଓ ପ୍ରଶିକ୍ଷଣ ଏବଂ ଅନୁସଂନ୍ଧାନ ସଂସ୍ଥାନ ମଙ୍ଗଳବାର ଦିନ ମସ୍ତିଷ୍କ ପକ୍ଷଘାତ ଦିବସ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ,ଫିଜିଓ ଥେରାପି ବିଭାଗୀୟ ମୁଖ୍ୟ ଡାକ୍ତର ମୋନାଲିସା ପଟ୍ଟନାୟକ ,ଅକୁପେସନାଲ ଥେରାପି ବିଭାଗୀୟ ମୁଖ୍ୟ ଡାକ୍ତର ମୋନାଲିସା ପଟ୍ଟନାୟକ ବିଭାଗୀୟ ମୁଖ୍ୟ ଅନୁରୁପା ସେନାପତି, ସ୍ପିଚ ଏବଂ ହିୟରିଙ୍ଗ ବିଭାଗୀୟ ମୁଖ୍ୟ ଡାକ୍ତର ଜୟଶଙ୍କର ପଣ୍ଡା ଏବଂ ଅଧ୍ୟାପକ ବସନ୍ତ କୁମାର ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ପକ୍ଷାଘାତ ପୀଡିତ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କର ଶୀଘ୍ର ଆରୋଗ୍ୟ କାମନ କରିଥିଲେ। । ନିର୍ଦ୍ଦେଶକ ଡାକ୍ତର ମହାନ୍ତି ଦିବ୍ୟାଙ୍ଗ ବ୍ୟକ୍ତି ତଥା ସେମାନଙ୍କର ପରିବାର ବର୍ଗ ମସ୍ତିଷ୍କ ପକ୍ଷଘାତ ସମ୍ବନ୍ଧରେ ସଚେତନତା ପ୍ରଦାନ କରିଥିଲେ । ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ କୃତୀତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମଟିକୁ ଅଧ୍ୟାପକ ବସନ୍ତ କୁମାର ନନ୍ଦ, ଚିତରଂଜନ ମିଶ୍ର ଓ ଫିଜିଓଥେରାପି ବିଭାଗର ପୋଷ୍ଟ ଗ୍ରାଜୁଏସନ ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ ଏବଂ ପରିଶେଷରେ ବିଶ୍ୱଜିତ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ : ଜଣେ ଗିରଫ

ନିମାପଡା,(ସବ୍ୟୁ) :ମଙ୍ଗଳବାର ଗୋରୁ ବୋଝେଇ ହୋଇ ଯାଉଥିବା ଏକ ପିକ୍ ଅପ୍ ଭ୍ୟାନକୁ ଚାରିଛକ ପୁଲିସ ଜବତ କରିଛି । ଘଟଣା ସ୍ଥଳରୁ ଭୟାନର ଚାଳକ ଫେରାର ହୋଇଯାଇଥିବା ବେଳେ ତାର ଜଣେ ସହଯୋଗୀକୁ ପୁଲିସ ଗିରଫ କରିଛି । ପ୍ରକାଶ ଯେ, ଆଜି ସକାଳୁ ଏହି ଥାନା ଅ'ର୍ଗତ କଳାପାଂଚଣ ବସ୍ତିରୁ ଏକ ପିକ୍‌ଅପ ଭ୍ୟାନରେ ଗୋରୁ ବୋଝେଇ ହୋଇ ବାଲେଶ୍ୱର ଯାଉଥିବା ସମୟରେ କୌଣସି ସୁତ୍ରରୁ ସୁଚନା ପାଇ ଚାରିଛକ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ଉକ୍ତ ଗାଡିକୁ ଜବତ କରିବା ସମୟରେ ଘଟଣା ସ୍ଥଳରୁ ଗାଡିର ଚାଳକ ଖସି ପଳାଇଥିବା ବେଳେ ତାର ସହଯୋଗୀ ଏସ୍ କେ ସାକିଲକୁ ପୁଲିସ ଗିରଫ କରିଛି । ପୁଲିସ ଏକ ମାମଲା ରୁଜୁ କରିଛି । ଜବତ ଗୋରୁ ଗୁଡିକୁ ପୁରୀ ନିକଟସ୍ଥ ଗୋଶାଳାରେ ଛଡାଯାଇଥିବା ଜଣାପଡିଛି ।

# ୩ ଗାଈ ଉଦ୍ଧାର,ଜଣେ ଗିରଫ

କାକଟପୁର (ସବ୍ୟୁ): କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏ ଏସ ଆଇ ପ୍ରମୋଦ କୁମାର ସେଠୀ ଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ପାଟ୍ରୋଲିଙ୍ଗ କରୁଥିବା ସମୟରେ କାକଟପୁର ଥାନା ଅଧିନସ୍ଥ ବାଙ୍ଗୁରୀଗାଁ ଅଞ୍ଚଳର ସ୍ୱର୍ଗତ ସୁରେନ୍ଦ୍ର ବେହେରାଙ୍କ ପୁଅ ହେମନ୍ତ ବେହେରା ଏକ ପିକଅପ ଭ୍ୟାନରେ ବେଆଇନ ଗୋ ଚାଲାଣ କରିଥିବା ଖବର ପାଇ ଉକ୍ତ ଟିମ ଚଢ଼ାଉ କରିବା ସମୟରେ ୩ ଗୋଟି ଗାଈଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଥାନା କେଶ ନମ୍ବର ୨୨୧/୨୪ ରେ ଅଭିଯୁକ୍ତ ହେମନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଗାଈ ଗୁଡିକୁ ପୁରୀ ବାଲିଘାଇ ସ୍ଥିତ ଗୋଶାଳାରେ ଛଡ଼ାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତ କାରୀ ଅଧିକାରୀ ପ୍ରିୟଦର୍ଶିନୀ ବରାଳ ପ୍ରକାଶ କରିଛନ୍ତି ।ଏଠାରେ ସୂଚନା ଥାଉକି ଗତ କିଛି ଦିନ ତଳେ ତିନୋଟି ଷଣ୍ଢ ଉଦ୍ଧାର କରାଯାଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିଲା । କିଛିଦିନ ହେବ କାକଟପୁର ଅଞ୍ଚଳରେ ବେଆଇନ ଗୋଚାଲାଣ ବୃଦ୍ଧି ପାଉଥିବା ବେଳେ କାକଟପୁର ପୋଲିସର ଏତାଦୃଶ କାର୍ଯ୍ୟ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି।

# ବଦଳିଲେ ଚାନ୍ଦପୁର ଥାନାଧିକାରୀ

ଟାଙ୍ଗୀ ,(ସବ୍ୟୁ) : ନୟାଗଡ ଆରକ୍ଷୀ ଅଧୀକ୍ଷକଙ୍କ ଚଳିତ ମାସ ୨୬ ତାରିଖ ୧୩୪୯ ଆଦେଶ ଅନୁସାରେ ଚାନ୍ଦପୁର ଥାନାର ଭାରାପ୍ରାପ୍ତ ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କୁ ବାଣିଗୋଛା ଥାନାକୁ ବଦଳି କରାଯାଇଥିବା ବେଳେ ରଣପୁର ଥାନାଧିକାରୀ ଦିଲ୍ଲୀପ କୁମାର ସାଇଁଙ୍କୁ ଚାନ୍ଦପୁରରେ ଅବସ୍ଥାପିତ କରାଯାଇଥିବା ଜଣାପଡିଛି । ତୁରନ୍ତ ସେମାନେ କାର୍ଯ୍ୟ ହସ୍ତାନ୍ତର କରିବାକୁ ମଧ ନୟାଗଡ ଆରକ୍ଷୀ ଅଧିକ୍ଷକଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ।

# ପୂର୍ବତନ ସମିତି ସଭ୍ୟାଙ୍କ ପରଲୋକ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ବ୍ଲକ ଚାନ୍ଦପଡା ଗ୍ରାମର ପୂର୍ବତନ ସମିତି ସଭ୍ୟା ଚାରୁଲତା ପାଲଟାସିଂହ(୭୩) ପରଲୋକ ଘଟିଛି।ସ୍ୱର୍ଗତା ପାଲଟାସିଂହ ୧୯୯୭ ମସିହାରୁ ୨୦୦୨ ପର୍ଯ୍ୟନ୍ତ ଜଣେ ଆଦର୍ଶ ସମିତିସଭ୍ୟା ଭାବେ କାର୍ଯ୍ୟ କରି ଜନମାନସରେ ନାରିଜାତି ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲେ। ମୃତ୍ୟୁ ସମୟରେ ସ୍ୱାମୀ ଶରତ କୁମାର ପାଲଟାସିଂହ ଉପସ୍ଥିତଥିଲେ। ବଡ଼ ପୁଅ ବିଶ୍ୱରଂଜନ ପାଲଟାସିଂହ ପୁରୀ ସ୍ୱର୍ଗଦ୍ୱାର କୁ ନେଇ ମୁଖାଗ୍ନି ଦେଇ ଦାହ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝିଅ ସଙ୍ଘମିତ୍ରା, ଭଣଜା ସୁବ୍ରତ, ପୁତୁରା ସ୍ମୃତିରଞ୍ଜନ ସମେତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ରହିଥିଲେ। ଅଂଚଳର ବୁଦ୍ଧିଜୀବୀ ଶିକ୍ଷାବିତ ତଥା



ଅନେକ ଗଣ୍ୟମାନ୍ୟ ଲୋକ ଉପସ୍ଥିତ ରହିଥିଲେ।ସ୍ୱର୍ଗତା ଚାରୁଲତା ଜଣେ ସ୍ନେହୀ, ମିଷ୍ଟଭାଷୀ, ପରୋପକାରୀ ଓ ଜଣେ ଧର୍ମ ପରାୟଣା ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟରେ କଣାସ ତଥା ଆଖପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ୧୧ ବର୍ଷ ହେଲା ଅଧାରେ ଅଟକିଛି ସାଇକେଲ ଷ୍ଟାଣ୍ଡ ନିର୍ମାଣ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗତ ୧୧ ବର୍ଷ ପୂର୍ବେ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆରମ୍ଭ ହୋଇଥିଲା । ମାତ୍ର ଏବେ ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ ୧୨ଟି କଂକ୍ରିଟ ଖମ୍ବରେ ସୀମିତ ଥିବା ଜଣାପଡିଛି । ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଥିବା ବେଳେ ଏଠାରେ ଅଧ୍ୟୟନରତ ଏକ ହଜାରରୁ ଉର୍ଦ୍ଧ ଛାତ୍ରୀ ଖୋଲାମେଲାରେ ସାଇକେଲ ଗୁଡିକ ରଖୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷକରି ଛାତ୍ରୀମାନେ ବର୍ଷା ଋତୁରେ ସାଇକେଲଗୁଡିକ ରଖିବା ନିମନ୍ତେଅସୁବିଧାର ସମ୍ମୁଖିନ ହେଉଛନ୍ତି । ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସଂପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧକ୍ଷାଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କେବଳ ପ୍ରତିଶ୍ରୁତି ମିଳିବା ସାର ହୋଇଛି ବୋଲି ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ । ଛାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଦିଗରେ ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ନୂତନ ତହସିଲଦାରଙ୍କ ଯୋଗଦାନ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ରୂପେ ସନ୍ତୋଷ କୁମାର ପାଣିଗ୍ରାହୀ ମଙ୍ଗଳବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି ।ତହସିଲଦାର ଶ୍ରୀଯୁକ୍ତ ପାଣିଗ୍ରାହୀ ୨ ବର୍ଷ ତଳେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ରୂପେ କାର୍ଯ୍ୟ କରିଥିଲେ । ଅତିରିକ୍ତ ତହସିଲଦାର ରୂପେ ସେ ସତ୍ୟବାଦୀରେ ବେଶ ଜନପ୍ରିୟ ଥିଲେ । ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ତହସିଲଦାର ଆଲୋକ କୁମାର ଦେହୁରୀଙ୍କ ବଦଳି ପରେ ଏହି ପଦବୀ ଖାଲି ପଡିଥିଲା।

# ବଜାରରୁ ଜବର ଦଖଲ ଉଚ୍ଛେଦ

ସାକ୍ଷୀଗୋପାଳ ,(ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ବଜାରରେ ରାସ୍ତା ପାର୍ଶ୍ୱରେ ର୍ନିମିତ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଓ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇଛି । ଗତ ସୋମବାର ରାତ୍ରିରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ତରଫରୁ ଡାକ ବାଜି ଯନ୍ତ୍ର ଦ୍ୱାରା ଏହି ଉଚ୍ଛେଦ ନିମନ୍ତେ ସୂଚନା ପ୍ରଦାନ କରାଯାଇଥିଲା । ତହସିଲଦାର ଅଲୋକ କୁମାର ଦେହୁରୀ , ସତ୍ୟବାଦୀ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ , ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ,ରାଜସ୍ୱ ଅଧିକାରୀ , ଅମିନ , ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରିଥିଲେ । ପ୍ରତ୍ୟେକ ବର୍ଷ ପବିତ୍ର ଅଁଳା ନବମୀ ପୂର୍ବରୁ ପ୍ରଶାସନ ତରଫରୁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥାଏ ।

# ଚିଲିକାରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ବାଲୁଗା,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ଅଧିନ ଚିଲିକା ତହସିଲଦାର ଭାବେ କାହ୍ନୁ ଚରଣ ଘଡେଇ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ କାର୍ଯ୍ୟରତ ତହସିଲଦାର ଚକ୍ରଧର ପାଢ଼ୀଙ୍କ ଗଞ୍ଜାମ ଜିଲ୍ଲା ମୋହନାକୁ ବଦଳି ହୋଇଛି । ତହସିଲଦାର ଘଡେଇ ଏହା ପୂର୍ବରୁ ଓଡିଶା ରପ୍ତାନି ଭବନ ଭୁବନେଶ୍ୱର ରେ ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ।ସେ କିଛି ବର୍ଷ ପୂର୍ବେ ବାଲୁଗାଁ ନିୟନ୍ତ୍ରିତ ବଜାର କମିଟିରେ ସମ୍ପାଦକ ଏବଂ ବାଣପୁର ସବରେଜିଷ୍ଟର ଭାବେ ମଧ ଦାୟିତ୍ୱ ତୁଲାଇ ଅଞ୍ଚଳବାସୀଙ୍କ ପ୍ରଶଂସାଭାଜନ ହୋଇପାରିଥିଲେ । ନୂତନ କରି ଦାୟିତ୍ୱ ଗ୍ରହଣ ପରେ ବିଶେଷକରି ରାଜସ୍ୱ ମାମଲା ଗୁଡିକୁ ଗୁରୁତ୍ୱ ଦେଇ ଲୋକେ ଯେପରି ହଇରାଣ ନ ହେବେ ର୍ନିଦ୍ଧାରିତ ସମୟସୀମା ମଧ୍ୟରେ ତ୍ୱରିତ ଫଇସଲା କରି ଜନସେବା ଯୋଗାଇଦେବା ତାଙ୍କର ମୂଳଲକ୍ଷ୍ୟ ରହିବ ବୋଲି ତହସିଲଦାର ଘଡେଇ କହିଛନ୍ତି ।

# ଦକ୍ଷତାର ସହ ବିପର୍ଯ୍ୟୟ ପରିଚାଳନା: ଜିପିଇଓ ସମ୍ବର୍ଦ୍ଧିତ

ଖଣ୍ଡପଡା,(ସବ୍ୟୁ): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ମଙ୍ଗଳବାର ପାଳନ ଅବସରରେ ଖଣ୍ଡପଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ୍ କୁମାର ବଡ଼ସେଟ୍‌ଙ୍କୁ ଦକ୍ଷତାର ସହ ବାତ୍ୟା 'ଦାନା' ପରିଚାଳନା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ



ବାତ୍ୟା ସମୟରେ ସମ୍ପୃକ୍ତ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ବିଭିନ୍ନ ପଂଚାୟତକୁ ଗସ୍ତକରି ଜନସାଧାରଣଙ୍କୁ ଭେଟିବାସହ ୭ଟି ବାତ୍ୟା ଆଶ୍ରୟସ୍ଥଳର ସୁ-ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଲ୍ଲାପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହ ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର

ନୂଆଗାଁ ,(ସବ୍ୟୁ) : ସୋମବାର ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧି ସଦଭାବନା ଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ନୟାଗଡ଼ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ନୟାଗଡ କର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ର୍ନିବାହୀ ଅଧିକାରୀ ଦେବଦତ୍ତ ପଣ୍ଡା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଶ ଚନ୍ଦ୍ର ପଣ୍ଡା , ନୂଆଗାଁ ବିଡ଼ିଓ ବାସୁଦେବ ନାୟକ, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ,ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉକ୍ତ ଅଭିଯୋଗ ପ୍ରକୋଷ୍ଟରେ ମୋଟ ୧୮୧ ଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥି ମଧ୍ୟରେ ୧୬୧ ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୧୬ଟି ଅଭିଯୋଗ ଗ୍ରାମ୍ୟ ସମସ୍ୟା ଓ ୪ଗୋଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ଥିଲା । ରେଡ଼କ୍ରସ ରୁ କେହି ଅଭିଯୋଗ ହୋଇନଥିବା ବେଳେ ସେଥି ମଧ୍ୟରୁ ୧୭ଟିର ତୁରନ୍ତ ସମାଧାନ ହୋଇଥିଲା।

# ଖଣ୍ଡୁଆଳ ଗ୍ରାମସଂଘବଦ୍ଧ ଆକ୍ରମଣରେ ମୃତ୍ୟୁ ଘଟଣା : ଅଭିଯୁକ୍ତ ନରେଶ ନାଏକ ଗିରଫ

ଆଠଗଡ ,(ସବ୍ୟୁ):ଗତ ଦୁଇମାସ ତଳେ ଖୁଣ୍ଟୁଣୀ ଥାନା ଖଣ୍ଡୁଆଳି ଗ୍ରାମରେ ବାବୁଲା ନାଏକ ମୃତ୍ୟୁ ଘଟଣାରେ ପୂର୍ବରୁ ହୃଦାନନ୍ଦ ନାଏକ ଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଆସାମୀ ଫେରାର ହୋଇଯାଇଥିଲା।ମୁଖ୍ୟ ଆସାମୀ କୁ ଗିରଫ କରିବା ପାଇଁ ଖୁଣ୍ଟୁଣୀ ପୋଲିସ୍ ସବୁ ଆଡେ ଜାଲ ବିଛାଇଥିଲା। ଶେଷରେ ଖୁଣ୍ଟୁଣୀ ପୋଲିସ୍ ବିଶେଷ ସୁତ୍ରରୁ ଖବର ପାଇ ମଙ୍ଗଳବାର ଦିନ ନରେଶ ନାଏକକୁ ତିଗିରିଆ ଥାନା ଅଂଚଳରୁ ଗିରଫ କରିଛି । ଖୁଣ୍ଟୁଣୀ ଥାନା କେଶ୍ ନଂ୧୭୨/୨୪ ମାମଲା ରୁଜୁ କରି



ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଖୁଣ୍ଟୁଣୀ ଥାନା ଆଇଆଇସି ରବିନାରାୟଣ ବେହେରା ପ୍ରକାଶ କରିଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୩୧)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

**ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।**
**ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ॥୩୧॥**

ମୁଁ ବେଗମାନଙ୍କ ମଧ୍ୟରେ ପବନ, ଅସ୍ତ୍ରଧାରୀମାନଙ୍କ ମଧ୍ୟରେ ରାମ, ମତ୍ସ୍ୟମାନଙ୍କ ମଧ୍ୟରେ ମକର ଏବଂ ସ୍ରୋତସ୍ୱିନୀମାନଙ୍କ ମଧ୍ୟରେ ଗଙ୍ଗା ଅଟେ ॥୩୧॥

# ବିନା ଅସ୍ତ୍ରରେ ବିଜୟ

## ସମ୍ପାଦକୀୟ

ଭାରତ-ଚୀନ୍ ସମ୍ପର୍କରେ ନାଟକୀୟ ମୋଡ ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଛି । ଚାରି ବର୍ଷର ସୀମା ବିବାଦ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ନିଜ ଭିତରେ ଥିବା ବିବାଦକୁ ଭୁଲି ହାତ ମିଳାଇଛନ୍ତି । ଏହାର କାରଣ କଣ ହେଇପାରେ ? ଚୀନ୍ ହଠାତ ଏପରି ନିଷ୍ପତ୍ତି କାହିଁକି ନେଲା ? ଏହା ପଛରେ କି କାରଣ ଥାଇପାରେ ? ଏମିତି ଅନେକ ପ୍ରଶ୍ନ, ପ୍ରତ୍ୟେକଙ୍କୁ ଆନ୍ଦୋଳିତ କରିଛି । ଚାରି ବର୍ଷ ପରେ, ଚୀନ୍ ପୂର୍ବ ଲଦାଖର ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍ (LAC) ସହିତ ବିବାଦୀୟ ସ୍ଥାନଗୁଡିକରେ ଏପ୍ରିଲ୍ ୨୦୨୦ ପୂର୍ବ ସ୍ଥିତିକୁ ଫେରିବାକୁ ରାଜି ହୋଇଛି । ଏହା ଭାରତ ପାଇଁ ଖୁସିର କଥା, ଆନନ୍ଦର କଥା ନିଶ୍ଚୟ । 'ମୋଦୀ-ସି' ବୈଠକ ପରେ, ଉଭୟ ପକ୍ଷର ସରକାରୀ ବିବୃତ୍ତି ସ୍ପଷ୍ଟ କରିଛି ଯେ' ଉଭୟ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବା ନେଇ ପ୍ରକ୍ରିୟା ଆରମ୍ଭ ହେଇଯାଇଛି । ବିଶ୍ୱ ରାଜନୀତିରେ ଏହି ମୋଡ, ଏକ ଅଣ-ପାଶ୍ଚାତ୍ୟ ବ୍ଲକ୍ ସହିତ, ଏକ ନୂତନ ବିଶ୍ୱ ବ୍ୟବସ୍ଥାର ରୂପକୁ ପ୍ରତିଫଳିତ କରେ, ଯାହା ପାଶ୍ଚାତ୍ୟକୁ ବିରୋଧ କରେ ନାହିଁ, କିନ୍ତୁ ଅନ୍ୟ ରାଷ୍ଟ୍ର ଉପରେ ଏହାର ଆଧିପତ୍ୟ ବିସ୍ତାରକୁ ବିରୋଧ କରେ । ବିକାଶଶୀଳ ଦେଶର ଶକ୍ତି ଏବଂ ଏକତା ବୃଦ୍ଧି ଉଭୟ ଦେଶର ଦାୟିତ୍ୱ ବୋଲି ଚୀନ୍ ରାଷ୍ଟ୍ରପତି ସ୍ୱୀକାର କରିଛନ୍ତି । ଏହି ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କେବଳ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ନୁହେଁ ବରଂ ବିଶ୍ୱ ସ୍ଥିରତା ପାଇଁ ଶାନ୍ତିର ମହତ୍ତ୍ୱ ଖୁବ୍ ବେଶୀ । ଗତ ଦୁଇ ମାସ ମଧ୍ୟରେ ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ମଧ୍ୟରେ ଦୁଇଟି ବୈଠକ ସମେତ ଉଚ୍ଚ ସ୍ତରୀୟ ଯୋଗଦାନ ମାଧ୍ୟମରେ ସୀମା ଚୁକ୍ତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଭାରତ କ୍ରମାଗତ ଭାବରେ ସ୍ପଷ୍ଟ କରିଥିଲା ଯେ ଚୀନ୍ ସହ ସମ୍ପର୍କକୁ ଆଗକୁ ନେବା ପାଇଁ ସୀମା ସମସ୍ୟାର ସମାଧାନ ଏକ ପ୍ରମୁଖ ପ୍ରସଙ୍ଗ । ଯାହାବି ହେଉ, ଭାରତର କୂଟନୈତିକ ବିଜୟ ଘଟିଛି । ଶାନ୍ତିର ସହ ଦୁଇ ଦେଶର ସମ୍ପର୍କରେ ସୁଧାର ଆସିବାକୁ ଯାଉଛି । ଏହି ବିକାଶରୁ ଉଭୟ ଦେଶ ଉପକୃତ ହେବେ । ଭାରତ ଏହାର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବାକୁ ପ୍ରୟାସ ଜାରି ରଖିଥିବାବେଳେ, ଚୀନ୍ ଏହାର ଅର୍ଥନୈତିକ ଅବନତି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ପାଇଁ ଭାରତର ସହଯୋଗ ଆବଶ୍ୟକ କରେ । ଗାଲୱାନ୍ ଉପତ୍ୟକା ସଂଘର୍ଷ ପରେ, ଦୁଇ ଦେଶ ମଧ୍ୟରେ ବିବାଦ ବୃଦ୍ଧି ପାଇଥିଲା । ଭାରତ ଚୀନକୁ ବିଭିନ୍ନ ଫ୍ରଣ୍ଟରେ ଚ୍ୟାଲେଞ୍ଜ କରି ଆସୁଥିଲା ଏବଂ ନିକଟରେ ଚୀନ୍‌ର ଟ୍ରେଡ୍ ପ୍ରାକ୍ଟିସ ଉପରେ ଉଦ୍‌ବେଗ ପ୍ରକାଶ କରି ବିଶ୍ୱ ବାଣିଜ୍ୟ ସଂଗଠନରେ ଏହା ଚୀନ ବିରୋଧରେ ଅଭିଯୋଗ କରିଥିଲା । କିନ୍ତୁ ତିକ୍ତତା ଭିତରେ ମଧ୍ୟ ନିଜ ଭିତରେ ଥିବା ବିବାଦର ସମାଧାନ ପାଇଁ ଉଭୟ ଚୀନ୍ ଏବଂ ଭାରତ କଥାବାର୍ତ୍ତା ଜାରି ରଖିଥିଲେ, ଯାହା ଉଭୟଙ୍କୁ ନିକଟତର କରିପାରିଛି । ଆଗାମୀ ଦିନରେ ସମ୍ପର୍କରେ ଆହୁରି ସୁଧାର ଆସିବା ବୋଲି ଆଶା କରାଯାଉଛି । ବ୍ରିକ୍ସ ଏହାର ସଦସ୍ୟତାକୁ ବିସ୍ତାର କରୁଥିବାରୁ ସଂଗଠନର ଭବିଷ୍ୟତ ପାଇଁ ବିଶେଷ କରି ଏହାର ରଣନୀତିକ ଲକ୍ଷ୍ୟ ହାସଲ ପାଇଁ ଚୀନ୍-ଭାରତ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଅଟେ । ବ୍ରିକ୍ସର ବୃଦ୍ଧି ଘଟିବା ସହ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କରେ ସୁଧାର ଆସିବା ଦ୍ୱାରା, ପାଶ୍ଚାତ୍ୟ ବିରୋଧରେ ଗୋଟିଏ ଦୃଢ଼ ସଂଗଠନ ତିଆରି ହେବାରେ ଲାଗିଛି ବୋଲି କିଛି ବିଶେଷଜ୍ଞ କହୁଥିବାବେଳେ, ଏହା ପାଶ୍ଚାତ୍ୟ ବିରୋଧୀ ନୁହେଁ କିନ୍ତୁ ବିଶ୍ୱ ବ୍ୟବସ୍ଥାରେ ପାଶ୍ଚାତ୍ୟର ଏକ ବିକଳ୍ପ ସଂଗଠନ ଗଠନ ପାଇଁ ବ୍ୟାପକ ପ୍ରୟାସର ଏକ ଅଂଶ । ଉଭୟ ବ୍ରିକ୍ସ ମାଧ୍ୟମରେ ଏବଂ ସମାନ୍ତରାଳ ଭାବରେ ଭାରତ ଓ ଚୀନ୍ ବର୍ତ୍ତମାନ ବିଶ୍ୱର ଆର୍ଥିକ ସ୍ଥାପତ୍ୟ, ବାଣିଜ୍ୟ ସ୍ଥାପତ୍ୟ ଏବଂ ବିକାଶ କାର୍ଯ୍ୟରେ ସଂସ୍କାର ଆଣିବାରେ ସେମାନଙ୍କର ସାଧାରଣ ସ୍ୱାର୍ଥକୁ ଅଧିକ ଅଭିବ୍ୟକ୍ତି ପ୍ରଦାନ କରିପାରିବେ । ରୁଷିଆ ମଧ୍ୟ ଏହି ସମ୍ପର୍କରୁ ଲାଭବାନ ହେବ, ଚୀନ-ଭାରତ ସମ୍ପର୍କ ବୃଦ୍ଧି ଦ୍ୱାରା, ଏହାର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଖଲିସ୍ତାନ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ପ୍ରରିପ୍ରେକ୍ଷୀରେ Five Eyes intelligence alliance କାନାଡାକୁ ସମର୍ଥନ କରିବା ପରେ, ଭାରତ ହୁଏତ ଅଣ-ପାଶ୍ଚାତ୍ୟ ଦେଶଗୁଡିକ ସହ ସମ୍ପର୍କ ବୃଦ୍ଧି କରିବା ପାଇଁ ଚାହିଁଛି ଯାହା ଯଥାର୍ଥ ବୋଲି ମନେହେଉଛି । ଉନ୍ନତ ଚାଇନା-ଭାରତୀୟ ସମ୍ପର୍କ ସମଗ୍ର ଅଞ୍ଚଳକୁ ଉପକୃତ କରିପାରେ, ବିଶେଷକରି ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ଏବଂ ଗ୍ଲୋବାଲ୍ ସାଉଥ୍ ଆସୋସିଏସନର ଦେଶଗୁଡିକ ପାଇଁ ଏହା ଲାଭଦାୟକ ହେବ । ତେବେ ଚୀନ୍‌ର ଆଭିମୁଖ୍ୟର ଏପରି ପରିବର୍ତ୍ତନର ବାସ୍ତବତା କଣ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ । ହୁଏତ ବର୍ତ୍ତମାନର ବିଶ୍ୱ ରାଜନୀତି ପ୍ରରିପ୍ରେକ୍ଷୀରେ, ଉଭୟ ହାତ ମିଳାଇବା ଉଚିତ ବୋଲି ଅନୁଭବ କରିଛନ୍ତି ଏବଂ ଏକ ପରିବର୍ତ୍ତିତ ବିଶ୍ୱ କ୍ରମାଙ୍କ ସେମାନଙ୍କୁ ସେମାନଙ୍କ ସମ୍ପର୍କରେ ସ୍ଥିରତା ଆଣିବାକୁ ବାଧ୍ୟ କରିଛି, ଯାହା ବିଶ୍ୱ ରାଜନୀତିରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ । ୨୦୨୪ ବ୍ରିକ୍ସ ଶିଖର ସମ୍ମିଳନୀ ଏକ ନୂତନ ଭୌଗଳିକ ବାସ୍ତବତାର ଆରମ୍ଭକୁ ଚିହ୍ନିତ କରେ - ଯେଉଁଥିରେ ଭାରତ ଓ ଚୀନ୍ ଗଠନମୂଳକ ଭାବରେ ସେମାନଙ୍କର ପାର୍ଥକ୍ୟକୁ ହ୍ରାସ କରିପାରିଛନ୍ତି, ଯାହା ସମଗ୍ର ଏସିଆରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା କରାଯାଇପାରେ ।

# ମନର ବିକାର ଦୂର କର

ଅନେକ ଜିଜ୍ଞାସୁ ଈଶ୍ୱରଙ୍କ ପ୍ରାପ୍ତି ଆଶାରେ ନିଜର ଘର, ପରିବାର, ଜ୍ଞାତି କୁଟୁମ୍ବ ଏବଂ ଅନ୍ୟାନ୍ୟ ସଜ୍ଜନ ବ୍ୟକ୍ତିଙ୍କୁ ତ୍ୟାଗ କରି ପାହାଡ, ଜଙ୍ଗଲ, ଗିରି, ବନ ଇତ୍ୟାଦି ସ୍ଥାନରେ ତପସ୍ୟା କରିବା ପାଇଁ ବାହାରି ପଡ଼ିଥାନ୍ତି । କିନ୍ତୁ ସେମାନେ ଜାଣି ନ ଥାଆନ୍ତି ଯେ, ସେମାନଙ୍କ ମଧ୍ୟରେ ବି ଈଶ୍ୱର ବିରାଜ ମାନ ରହିଛନ୍ତି । କ୍ଷଣିକ ସୁଖ ଲୋଭରେ ଯଦି କିଛି ଭଙ୍ଗା ପଡ଼ିଯାଏ, ତେବେ ସେମାନଙ୍କ ମଧ୍ୟରେ ଏଭଳି ବ୍ୟତିକ୍ରମ ଦେଖାଯାଏ ।

ଜଣେ ବ୍ୟକ୍ତି ସନ୍ଥ ଏକନାଥଙ୍କ ନିକଟକୁ ଆସି କହିଲା, ମହାରାଜ ! ମୋତେ ଭଗବତ ଭକ୍ତିର ସରଳ ଉପାୟ କହି ଦିଅନ୍ତୁ । ମୁଁ ଆପଣଙ୍କ ନିକଟକୁ ଆତ୍ମକଲ୍ୟାଣ ନିମନ୍ତେ ସବୁ ଦିନ ପାଇଁ ଆସିଛି । ଏହା ଶୁଣି ଏକନାଥ ପ୍ରଶ୍ନ କଲେ,ତୁମେ ଏକୁଟିଆ ଅଛ ଅଥବା ଗୃହସ୍ଥ ଧର୍ମ ପାଳନ କରୁଛ ? ପ୍ରଶ୍ନଟି ଶୁଣି ବ୍ୟକ୍ତିଟି ଉତ୍ତର ଦେଲା, ମହାରାଜ, ମୋର ବିବାହ ହୋଇଯାଇଛି ।

ମୋ ସହ ପତ୍ନୀ ,ପିଲା ଛୁଆଙ୍କୁ ଆଜି ତ୍ୟାଗ କରି ଆପଣଙ୍କ ପାଖକୁ ଖୁବ୍ ଆଶା ନେଇ ଆସିଛି । ଠିକ୍ ଅଛି, ତେବେ ଏଥିପାଇଁ ତୁମର ଅର୍ଦ୍ଧାଙ୍ଗିନୀ କଣ ତୁମକୁ ଅନୁମତି ଦେଇଛନ୍ତି ? ସନ୍ଥ ଏକନାଥ ପ୍ରଶ୍ନ କଲେ । ଆଜ୍ଞା,ବିଲକୁଲ ନୁହେଁ । ସେ କଣ ଏହାକୁ ଗ୍ରହଣ କରିଥାନ୍ତେ ? ସେ ଯେତେବେଳେ ଘୋର ନିଦରେ ଶୋଇଥିଲେ, ମୁଁ ଘରୁ କାହାକୁ ନ ଜଣାଇ ଚାଲି ଆସିଛି । ସନ୍ଥ ପୁଣି ପ୍ରଶ୍ନ କଲେ,ଆଉ ପିଲାମାନେ ?

ବ୍ୟକ୍ତିଟି କହିଲା, ପିଲାମାନେ ମଧ୍ୟ ଗଭୀର ନିଦରେ ଶୋଇଥିଲେ, କିନ୍ତୁ ମୋର ଧକ୍କା ବାଜି ପିଲାଟି କାନ୍ଦିବାରୁ ମୁଁ ଲୁଚିଗଲି । କିନ୍ତୁ ଅଳ୍ପ ସମୟ ମଧ୍ୟରେ ପତ୍ନୀ ଶୋଇଥିବା ଅବସ୍ଥାରେ କୌଣସି ଶବ୍ଦ ନ କରି ଆସ୍ତେ ଆସ୍ତେ ଘରୁ ବାହାରି ଚାଲି ଆସିଲି । ମୋତେ ଆଶଙ୍କା ଥିଲା, ଯଦି ପତ୍ନୀ ଉଠି ଯିବେ, ତେବେ ମୁଁ ଏଠାକୁ ଆସିବା ଅସମ୍ଭବ ହୋଇ ପଡ଼ିବ । ଆଜି ସବୁ କିଛି ତ୍ୟାଗ କରି ଈଶ୍ୱରଙ୍କ ସେବା କରିବା ଉଦ୍ଦେଶ୍ୟରେ ଆପଣଙ୍କ ନିକଟକୁ ଆସିଛି । ଦୟାକରି ମତେ ସଠିକ୍ ମାର୍ଗ ଦର୍ଶନ କରାନ୍ତୁ ।

ସନ୍ଥ ଏକନାଥ କହିଲେ, ଆରେ ମୂର୍ଖ ! ଯେଉଁ ଭଗବାନଙ୍କ ସେବା କରିବା ଇଚ୍ଛାରେ ତୁମେ ଏଠାକୁ ଆସିଛ, ସେ ତ ତୁମ ଘରେ ହିଁ ଅଛନ୍ତି । ଆଉ ତାଙ୍କୁ ହିଁ ଛାଡ଼ି ଚାଲି ଆସିଛ ! ଆରେ ଭଗବାନ ତ ସମସ୍ତଙ୍କ ଠାରେ ଅଛନ୍ତି । ଈଶ୍ୱର ତ ସର୍ବ ବ୍ୟାପୀ । ଯେଉଁ ଦିନ ପର୍ଯ୍ୟନ୍ତ ତୁମେ ନିଜ ଘରର ମନୁଷ୍ୟରୂପୀ ଦେବତାମାନଙ୍କ ସେବା କରି ନାହଁ, ତୁମର ଉଦ୍ଧାର ହେବ ନାହିଁ । ତ୍ୟାଗ ଆତ୍ମୀୟମାନଙ୍କ ନୁହେଁ, ବରଂ ମନର ବିକାରକୁ କରିବା ଉଚିତ । ତେବେ ଯାଇ ଭଗବାନ ତୁମ ଉପରେ ଖୁସି ହେବେ ।

**ପ୍ରଭାତ କୁମାର ମହାପାତ୍ର,**
**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,**
**କୋରାପୁଟ, ମୋ-୭୮୯୪୦୦୫୪୫୫**

# ନମନ୍ତି ଗୁଣିନୋ ଜନାଃ



ଡ. ନିରଞ୍ଜନ ସାହୁ

ଫଳପ୍ରସୂ ବୃକ୍ଷ ଯେପରି ଫଳ ଭାରରେ ନଇଁପଡ଼େ, ସେହିପରି ଗୁଣୀ ଲୋକମାନେ ସଦ୍‌ଗୁଣର ପ୍ରଭାବରେ ସର୍ବଦା ଅବନମିତ ହୋଇଥାନ୍ତି । ଏପରି ଏକ ଆପ୍ତବାକ୍ୟ ସହିତ ଆମ୍ଭେମାନେ ଆବାଲ୍ୟ ପରିଚିତ । ମାତ୍ର କେବଳ ନମ୍ରତା କଣ ଜଣେ ସଜ୍ଜନଙ୍କର ଏକମାତ୍ର ପରିଚୟ ! ଭାତହାଣ୍ଡିରୁ ସବୁଭାତକୁ ନ ଚିପି ଗୋଟିଏ ଭାତରୁ ସବୁ ଭାତର ସ୍ୱରୂପ ଜାଣିହେଲା ପରି, ଗୋଟେ ଅଧେ ବାହ୍ୟ ଭାବରୁ ଜଣକୁ ତଉଲିବା କଣ ଉଚିତ ?

ଆଧୁନିକ ଗବେଷଣା ସହିତ ସଂପୃକ୍ତ ଯେକୌଣସି ଗବେଷକ ନିଶ୍ଚିତ ଭାବରେ କହିବେ ଯେ ଗୋଟେ ଅଧେ ଉଦାହରଣକୁ ଭିତ୍ତିକରି କୌଣସି ନିଷ୍କର୍ଷରେ ପହଞ୍ଚି ହେବ ନାହିଁ । ଗବେଷଣାର ବ୍ୟାକରଣ କହେ ଯେକୌଣସି ଗବେଷଣାରେ ବ୍ୟବହୃତ ହେଉଥିବା ସାମ୍ପଲ ବା ଉଦାହରଣ ସମସ୍ତ ସମ୍ଭାବ୍ୟ କ୍ଷେତ୍ରର ସମତୁଲ ହେବା ଆବଶ୍ୟକ ।

ନଇଁଯିବାକୁ, ଆଧୁନିକ ପରିଚାଳନା ବିଜ୍ଞାନରେ ଗୋଟିଏ ଷ୍ଟ୍ରାଟେଜି ବା କୌଶଳ ଭାବରେ ଗ୍ରହଣ କରାଯାଉଛି । ଅର୍ଥାତ୍ ନମ୍ରତା ପ୍ରଦର୍ଶନ କରିବା ଏକ ସ୍ୱାଭାବିକ, ସ୍ୱୟଂକ୍ରୀୟ କ୍ରିୟା ନ ହୋଇ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲର ଏକ କାର୍ଯ୍ୟକ୍ରମ ହୋଇପଡୁଛି । ଯେତେବେଳେ ଘୂର୍ଣ୍ଣିବାତ୍ୟା ଆସେ, ସେତେବେଳେ ସେଇ ଭୟଙ୍କର ଦୁର୍ବାର ପ୍ରଭଞ୍ଜନ ସମ୍ମୁଖରେ ଥିବା ସମସ୍ତ ବିଶାଳ ବୃକ୍ଷରାଜୀ ଭୂପତିତ ହୋଇଥାଏ । ମାତ୍ର କ୍ଷୁଦ୍ର ତୃଣ ଅଥବା ଘାସସମ ଅତ୍ୟନ୍ତ ଛୋଟିଆ ଗଛଟିଏ ଅକ୍ଷତ ରହିଥାଏ । ତେଣୁ ଝଡ଼ ସାମନାରେ ନିଜର ମଥାକୁ ଟେକି ନ ରଖି ଅନେକ ମୁଣ୍ଡ ନୁଆଁଇ ଦିଅନ୍ତି ଆଉ ଝଡ଼ ଚାଲିଗଲା ପରେ ତାଙ୍କର ସ୍ୱାଭାବିକ ଚରିତ୍ରର ଝଲକ ଦେଖାନ୍ତି ।

ବେଳେବେଳେ ନ ନଇଁବାକୁ ବି ପୁରୁଷକାର ଭାବରେ ଗ୍ରହଣ କରାଯାଏ ଆଉ କୁହାଯାଏ - ଅମୁକ ହେଲେ କାଉଁରିଆ କାଠି, ମାନେ ଭାଙ୍ଗିଯିବେ ପଛେ ନଇଁବେ ନାହିଁ କେବେ ବି? ହଠାତ୍ ନଇଁ ପଡ଼ିଲେ ବି ବେଳେବେଳେ ମେରୁଦଣ୍ଡ ଦରଜ ହୋଇଯାଏ । ସେଥିପଇଁ ଆମର ବିଭିନ୍ନ କ୍ରିୟା କେବଳ ମେରୁଦଣ୍ଡ ନୁହେଁ ବରଂ ଯେତେ ଗଣ୍ଠି ରହିଛି, ତା' ପ୍ରତି ଅନୁକୂଳ ହେବା ପାଇଁ ଗୋଟେ ରୀତିମତ ବିଜ୍ଞାନର ବିଭାଗ ବାହାର କରାଗଲା ଯାହାକୁ ନାଁ ଦିଆହୋଇଛି (Ergonomics) । ଏରଗନମିକ୍ସ ଆଗକାଳରେ ଯେମିତି ଲୋକମାନେ ବସିକି ମଳତ୍ୟାଗ କରୁଥିଲେ, ସ୍ନାନାଗାରରେ ଲୋଟାରେ ପାଣି ନେଇ ଦେହର ସର୍ବାଙ୍ଗରେ ସିଞ୍ଚନ କରି ସ୍ନାନକାର୍ଯ୍ୟ ସମାପନ କରୁଥିଲେ, ଆଉ ସେପରି କରିବାକୁ ପଡ଼ିଲାନି, ଶରୀରକୁ କର୍ମକଷ୍ଟ ନେବାପାଇଁ, ଆରାମ ଦେବା ପାଇଁ ବିଭିନ୍ନ ଯନ୍ତ୍ରପାତି ଉଦ୍‌ଭାବନ ହେଲା । ସେଇ କ୍ରମରେ ଆସିଲା ୟୁରୋପିଆନ ଷ୍ଟାଇଲ୍‌ର ପାଇଖାନା ବା କମୋଡ଼, ପାଣିର ଫୁଆରାରୁ ପାଣି ଆସିବା ପାଇଁ ସଂକ୍ଷେପରେ ନ ନଇଁବା ପାଇଁ ଏଇସବୁ ବୈଜ୍ଞାନିକ ଯୋଗଦାନ ।

ମଣିଷକୁ ବି କୁହାହେଉଥିଲା ଚାଲିବା ପାଇଁ ମେରୁଦଣ୍ଡ ସିଧାରଖ- ଅବଶ୍ୟ ବୟସ ହେଲାପରେ ମଣିଷର ମେରୁହାଡ଼ ଆପେ ଆପେ ବାଙ୍କି ଯାଉଥିଲା । ଆଉ ବାଙ୍କୁଲିବାଡ଼ି ଧରି ଗାଁ ଦାଣ୍ଡରେ କେହି ବୁଢ଼ାବୁଢ଼ୀ ଚାଲିଚାଲି ଗଲେ ଯଦିଓ କେହି ଗୋପନରେ ହସି ଦେଉଥିଲେ, ତାହା ଯେ ଭବିଷ୍ୟତରେ ଆମ ସମସ୍ତଙ୍କ ପାଇଁ ଏକ ଅବଶ୍ୟମ୍ଭାବୀ ପରିଣତି, ଏହା ଭାବି ଆଉ କେତେକ ହସକୁ ରୋକିବାକୁ ବାଧ ହେଉଥିଲେ ।

ନଇଁଯିବାକୁ ବି ଅନେକ ମନେ ମନେ ବିରୋଧ କରୁଥିଲେ । କହୁଥିଲେ ତମେ ଯଦି ଥରେ ନଇଁଯିବ, ତମର ବିରୋଧୀମାନେ ତମ ଉପରକୁ କୁଦି ପଡ଼ିବେ । ନିଜର ଯୁକ୍ତିକୁ ପ୍ରତିପାଦନ କରି କୁହାଯାଉଥିଲା, 'ନଇଁ ପଡ଼ିଥିବ ଯେତିକି ବେଳେ, ବିଧାଟିଏ ଦେବ ସେତିକି ବେଳେ' । ଅର୍ଥାତ୍ ତମେ ଯେତେବେଳେ ନଇଁଗଲ ମାନେ, ହାରିଗଲ ବୋଲି ଧରିନିଅ । ଆଉ ତମର ଶତ୍ରୁପକ୍ଷ ତମକୁ କଲବଲ କରିବା ପାଇଁ ସବୁ ପେଖନା ଦେଖେଇବେ । ଯୁଦ୍ଧରେ ହାରିବା ମାନେ ହେଲା, ହାତ ଦୁଇଟି ଉପରକୁ ଉତ୍ତୋଳନ କରିବା, ଆତ୍ମସମର୍ପଣର ମୁଦ୍ରାରେ । ଆଉ ତା ସହିତ ମୁଣ୍ଡକୁ ତଳକୁ ନୁଏଁଇବା ।

ପ୍ରାଚୀନ କାଳରେ ମଣିଷ ଗୁମ୍ଫାରେ ରହୁଥିଲା ଅତଏବ ନଇଁ ନଇଁ ଯିବା ହୁଏତ ତାର ଅଭ୍ୟାସଗତ ହୋଇସାରିଥିବ । ଅଥଚ ବିବର୍ତ୍ତନର ଧାରାରେ ସେ ସଳଖ ହେଲା ।- ମେରୁଦଣ୍ଡ ତାର ଦୃଢ଼ ହେଲା । ତାହା ପୃଥିବୀ ସହିତ ସମକୋଣରେ ଠିଆ ହେବାକୁ ତାକୁ ପ୍ରବର୍ତ୍ତେଇଲା ଏବଂ ସେ ଅନ୍ୟ ପ୍ରାଣୀଙ୍କ ଠାରୁ କିପରି ପୃଥକ୍, ତାହା ମଧ୍ୟ ପ୍ରଚାରିତ ହେଲା । ତାକୁ ଆଉ ସରୀସୃପ ପରି ଘୁଷୁରି ଘୁଷୁରି ଯିବାର ଆବଶ୍ୟକତା ପଡ଼ିଲା ନାହିଁ ।

ଯଦି ସିଧା ଚାଲିବା ଏକ ବିବର୍ତ୍ତନୀୟ ବ୍ୟବସ୍ଥା, ତା'ହେଲେ କାହିଁକି ଗୁଣୀଲୋକମାନେ ମୁହଁ ତଳକୁ କରି ଚାଲିବେ, ବୋଲି ଗୋଟିଏ ବିଧାନ ରଖାଗଲା, ତାହା ବୁଝିହେବ ନାହିଁ । ତା' ସାଙ୍ଗକୁ ବି ଯୋଡ଼ା ଯାଇଥିଲା ଯେ ପର ନାରୀ ଆଡ଼କୁ ମୁହଁ ଟେକି ଚାହିଁବ ନାହିଁ । ତାହା ହୁଏତ ତମର ନିଜ ଭିତରେ ମାନସିକ ଅସନ୍ତୁଳନ ସୃଷ୍ଟି କରିପାରେ । ତମକୁ ଅଧୋପତନର ଦ୍ୱାରଦେଶ ଆଡ଼କୁ ଆମନ୍ତ୍ରଣ କରିପାରେ, ସେଇଥିପାଇଁ ଆଉ କୁହା ହୋଇନଥିଲା ତ, ମୁହଁ ତଳକୁ କରି ଚାଲିବ । ଗୁଣୀ ଲୋକର କଣ ସତରେ ତାହା ଆଚରଣ ନା ସ୍ୱଭାବ ? କେଉଁଟି ସତ ୟା ଭିତରୁ?

ପିଲାବେଳେ ବାଟ ଚାଲିଲାବେଳେ ବାଟରେ ହିଁ ଦୃଷ୍ଟିକୁ ନିବଦ୍ଧ କରିବାକୁ ପଡୁଥିଲା । ରାସ୍ତାମାନେ ଥିଲେ ଦନ୍ତୁରିତ ଓ କୃଶ । ସେତେବେଳେ ତଳକୁ ମୁହଁ କରି ନ ଚାଲିଲେ ଝୁଣ୍ଟିପଡ଼ିବା ହିଁ ଥିଲା ସାର । ତାହା କଣ ଯୋଡ଼ି ଦିଅଯାଇଥିଲା କି ଗୁଣୀ ଲୋକର ବ୍ୟାକରଣରେ, ସେ ବାଟଚାଲିଲା ବେଳେ ତଳକୁ ମୁହଁ କରି ଚାଲିବ । ନ ହେଲେ ଝୁଣ୍ଟିପଡ଼ିବା ହିଁ ହେବ ସାର । ମୁନୀବଙ୍କ ନିକଟରେ ମୁଣ୍ଡ ନ ନଇଁଲେ, ବିପଦ ପଡ଼ିବା ହିଁ ସ୍ୱାଭାବିକ । ମାତ୍ର ଆଜିକାଲି କମ୍ପ୍ୟୁଟର ନିକଟରେ କିମ୍ବା ମୋବାଇଲ ଫୋନ୍ ପାଖରେ ଯେଉଁମାନେ ଘଣ୍ଟା ଘଣ୍ଟା ସମୟ କାଟୁଛନ୍ତି, ତାଙ୍କ ଅଜାଣତରେ ସେମାନେ ମୁଣ୍ଡ ତଳକୁ କରିନେଉଛନ୍ତି । ଆଉ ତାହା ଆଧୁନିକ ଯୁଗର ଏକ ନୂତନ ରୋଗ କହିଲେ ଚଳେ । ଯାହାକୁ କୁହାଯାଇଛି TNS- ଅର୍ଥାତ୍, Text Neck Syndrome.

ମୁଣ୍ଡ ତଳକୁ ବେଶି କରି ମୁନୀବ ପାଖରେ କିଛି ଅଧସ୍ତନ ତାଙ୍କର ଅଧିକ ପ୍ରିୟ ହେବାକୁ ଚାହାନ୍ତି । ଯଦିଓ ମୁନୀବଙ୍କୁ ଠିକ୍ ଜଣା ଯେ, 'ଅତି ଭକ୍ତି ଚୋରର ଲକ୍ଷଣ' । ତେଣୁ ସେମାନେ ଅଧସ୍ତନଙ୍କ ଯୋଗ୍ୟତା ମାପିବା ବେଳେ ସେମାନେ କେତେ ନଇଁ ନଇଁ ଚାହୁଁଛନ୍ତି, ତାହା କେବଳ ଦେଖନ୍ତି ନାହିଁ । ସେମାନଙ୍କ କାମର ସମୀକ୍ଷା କରନ୍ତି, ବିଭିନ୍ନ ଲୋକଙ୍କ ମତାମତ ନିଅନ୍ତି, ଯାହାକୁ ଆଜିକାଲିର ମ୍ୟାନେଜ୍‌ମେଣ୍ଟ ଯୁଗରେ କୁହାଯାଇଛି । ତିନିଶହ ଷାଠିଏ ଡିଗ୍ରୀ ସମୀକ୍ଷା ।

ଅତ୍ୟଧିକ ନମ୍ର ହେବାରେ ଭାରି ବିପଦ ରହିଛି । ଗୋଟିଏ ସର୍ବେକ୍ଷଣରୁ ଜଣାପଡ଼ିଛି ଯେଉଁ ବିମାନଗୁଡ଼ିକ କିଛି ଯାନ୍ତ୍ରିକ ତ୍ରୁଟି ପାଇଁ ତୁରନ୍ତ ନିକଟସ୍ଥ ବିମାନଘାଟିକୁ ଯୋଗାଯୋଗ କରନ୍ତି, ସେମାନଙ୍କ ଭିତରୁ ବିପଦରେ ପଡ଼ନ୍ତି ସେଇ ଅତି ନମ୍ର ବିମାନଚାଳକମାନେ । ସାଧାରଣତଃ ଏୟାର ଟ୍ରାଫିକ କଣ୍ଟ୍ରୋଲ୍‌ରେ ଭାରି ଭିଡ଼ ଥାଏ, ସବୁବେଳେ ବିଶେଷତଃ ଗହଳିପୂର୍ଣ୍ଣ ଏୟାର ପୋର୍ଟରେ । ସେଠାରେ ଇମରଜେନ୍‌ସ ଲେଣ୍ଡିଂ ପାଇଁ ଅନୁରୋଧ କଲାବେଳେ ଉତ୍ତର ମିଳେ, 'ଟିକିଏ ଧୈର୍ଯ୍ୟ ଧରନ୍ତୁ' ମାତ୍ର ନମ୍ରତା ଭିତ୍ତିରେ ଯେଉଁମାନେ ଅପେକ୍ଷାରତ ହୁଅନ୍ତି, ସେଇପରି ବିମାନ ଭିତରୁ ଅଧିକାଂଶ ବିପଦରେ ପଡ଼ନ୍ତି ବୋଲି ଆସିଥିବା ତଥ୍ୟ ଅତ୍ୟନ୍ତ ବିପଜ୍ଜନକ । ଅର୍ଥାତ୍, ଅଧିକ ନମ୍ର ହେବାରେ ଅଧିକ ବିପଦ - ପହିଲେ, ଆପ ବୋଲି ସବୁବେଳେ କହିଲେ ଆପଣ ଅସୁବିଧାରେ ପଡ଼ିବେ ନିଶ୍ଚୟ । ଅତଏବ ନଇଁବା ମାନେ ଏକ ସ୍ଥୂଳ ଆଚରଣ ନୁହେଁ । ନମ୍ରତା ଏକ ଉଦାରତା, ଯାହା କି ମାତ୍ରାଧିକ ହେଲେ ବିପଦର କାରଣ ହେବ ନିଶ୍ଚୟ - ଏଥିରେ ସନ୍ଦେହ ନାହିଁ ।

**ମୋ-୯୪୩୮୪୮୨୯୧୧**
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ଅଧିକାରୀ)*

# ମହାକାଳୀ



ଜୟଶ୍ରୀ ପଟ୍ଟନାୟକ

**ଶିବଙ୍କର ଅଷ୍ଟମୂର୍ତ୍ତି ପରି କାଳୀଙ୍କର ଅଷ୍ଟରୂପ ରହିଛି । ଚିନ୍ତାମଣି, ସ୍ୱର୍ଶମଣି, ସ୍ୱର୍ଣ୍ଣମଣି, ସନ୍ତତିପ୍ରଦା, ସିଦ୍ଧି, ଦକ୍ଷିଣା, କାମକଳା ହଂସ ଓ ଗୁହ୍ୟକାଳୀ ଅଷ୍ଟଦେବୀ ରୂପେ ବର୍ଣ୍ଣିତ । କାଳୀଙ୍କ ଅବତାର ମଧ୍ୟରେ ଦକ୍ଷିଣକାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, ଶ୍ମଶାନକାଳୀ ଓ ଶ୍ୟାମାକାଳୀଙ୍କ ଉପାସନା ଗୁରୁତ୍ୱପୂର୍ଣ୍ଣ । ଦେବୀ ଶକ୍ତି ସ୍ୱରୂପିଣୀ ଅନନ୍ତ ଶକ୍ତି ଦ୍ୱାରା ବିଶ୍ୱ ପରିଚାଳନା ଏବଂ ସଂହାରଣାଦି ପରିଚାଳନା କରନ୍ତି**

ମାତୃଶକ୍ତି ବିନା ଦିବ୍ୟଚେତନା ପୃଥିବୀ ଉପରେ ପ୍ରକଟିତ ହୋଇପାରେନା, ଆତ୍ମାଶକ୍ତି ତା'ର ଅସ୍ତିତ୍ୱ ସାବ୍ୟସ୍ତ କରିପାରେନା । ସକଳ ଜୀବଙ୍କର ସୃଷ୍ଟି, ପାଳନ ଏବଂ ସଂହାର କ୍ରିୟା ଏହି ଦେବୀଙ୍କ ଦ୍ୱାରା ସମ୍ଭବ । ଦେବୀ ସତ୍ତ୍ୱ, ରଜ, ତମ ଗୁଣର ପ୍ରତୀକ । ମାତୃଶକ୍ତି ପରଂବ୍ରହ୍ମଙ୍କୁ ନିଜ ଭିତରେ ଧାରଣ କରି ଏହି ବିଶାଳ ସଂସାରକୁ ସୃଷ୍ଟି କରିଛନ୍ତି । ଏହି ଦୃଷ୍ଟିରୁ ଦୃଶ୍ୟମାନ ସୁନ୍ଦର ଜଗତର ମୂଳ କେନ୍ଦ୍ରବିନ୍ଦୁ ହେଉଛନ୍ତି ମାତୃଶକ୍ତି, ଯାହାକୁ ଆମେ ଦେବୀ ବୋଲି କହୁ । । ତେଣୁ ଶକ୍ତି ସମନ୍ୱିତା ତ୍ରିଗୁଣାତ୍ମିକା, ପ୍ରକୃତିଦେବୀ ହେଉଛନ୍ତି ମାତୃଶକ୍ତି ।

ମାତୃଶକ୍ତିକୁ ସ୍ୱରୂପ ଦୃଷ୍ଟିରୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଛି । ୧) ମାହେଶ୍ୱରୀ , ୨) ମହାକାଳୀ, ୩) ମହାଲକ୍ଷ୍ମୀ, ୪) ମହାସରସ୍ୱତୀ । ଏହି ମହାଶକ୍ତି ହେଉଛନ୍ତି ସାର୍ବଜନୀନ ମା' । ଏହି ମହାଶକ୍ତି ଆଧାରଭୁକ୍ତ । ମାହେଶ୍ୱରୀଙ୍କ ଅନ୍ୟରୂପ ହେଉଛି ମହାକାଳୀ । ମାତା ସତୀଙ୍କ କ୍ରୋଧରୁ ଜାତ ଦଶ ପ୍ରହରେଣ ଧାରିଣୀ ଦେବୀଙ୍କର ଦଶଗୋଟି ସ୍ୱରୂପକୁ ଦଶ ମହାବିଦ୍ୟା ଭାବେ ଉପାସନା କରାଯାଇଛି । ଏହି ଦେବୀମାନେ ହେଲେ କାଳୀ, ତାରା ଷୋଡଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଓ ଭୈରବୀ । ଦେବୀଙ୍କର ଏହି ଦଶ ସ୍ୱରୂପକୁ ଦଶ ଅବତାର କୁହାଯାଏ । ଦଶ ମହାବିଦ୍ୟାମାନଙ୍କ ମଧ୍ୟରେ ଶ୍ରୀକାଳୀ ହେଉଛନ୍ତି ପ୍ରଥମ ମହାବିଦ୍ୟା । ଏହାକୁ ବ୍ରହ୍ମଙ୍କର ଇଚ୍ଛାଶକ୍ତି ରୂପେ ଗ୍ରହଣ କରାଯାଏ । ସେ ପ୍ରଥମେ ଶକ୍ତି ଓ ଆଦିଶକ୍ତି । ସେ ପ୍ରଥମେ ମହାକାଳକୁ କଳନା କରିଥିବା ହେତୁ ତାଙ୍କୁ କାଳୀ କୁହାଯାଏ ।

ପୃଥିବୀ ଉପରେ ଯେମିତି ଅନ୍ଧାର -ଆଲୁଅ, ସୁଖ-ଦୁଃଖ, ଭଲ-ମନ୍ଦ ରହିଛି, ସେହିପରି ଦିବ୍ୟଶକ୍ତି ସହିତ ଦୁଷ୍ଟଶକ୍ତି ବି ପୃଥିବୀ ପୃଷ୍ଠରେ ପ୍ରକଟିତ ହୋଇଥାଏ । ସେହି ଦୁଷ୍ଟଶକ୍ତିକୁ ତାମସିକ ଶକ୍ତି ବା ଆସୁରିକ ଶକ୍ତି କୁହାଯାଏ । ଆସୁରିକ ଶକ୍ତି ପ୍ରଭାବରେ ସଂସାରରେ ଯେତେବେଳେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର ବୃଦ୍ଧିପାଏ, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯାଏ, ସେତେବେଳେ ଜୀବଜଗତ ଭିତରେ ଦୁଃଖଯାତନା ଓ ମାନସିକ ଅଶାନ୍ତି ବଢ଼ିଯାଏ । ପୃଥିବୀ ପୃଷ୍ଠରୁ ଦୁଷ୍କୃତିକୁ ବିନାଶ କରିବାପାଇଁ ମାତୃଶକ୍ତି ବା ମହାଶକ୍ତି ମହାକାଳୀ ରୂପ ଧାରଣ କରିଥାନ୍ତି ।

ପୃଥିବୀ ଉପରେ ଅଧର୍ମକୁ ବିନାଶ କରି ଧର୍ମ ପ୍ରତିଷ୍ଠା କରିବା ହେଉଛି ମହାକାଳୀଙ୍କର କାର୍ଯ୍ୟ । ତାଙ୍କର କରାଳ ରୂପ ଦେଖିବାକୁ ଖୁବ୍ ଭୟଙ୍କର । ସେ ଖଡ୍ଗଖର୍ପର ଧାରିଣୀ ଦେବୀ, ଉନ୍ମୁକ୍ତା, ମୁକ୍ତକୁନ୍ତଳା, ମୁଣ୍ଡମାଳିନୀ ଶବାରୁଢ଼ା । ମହାକାଳୀ ଅତି ଭୟଙ୍କର ହୋଇଥିଲେ ମଧ୍ୟ ସେ ଅତି ସୁନ୍ଦର ଓ ମଙ୍ଗଳମୟ । ମହାକାଳୀ ତାଙ୍କର ପ୍ରଳୟ ସାଧନା ମାଧ୍ୟମରେ ପୃଥିବୀର ସନ୍ତୁଳନ ରକ୍ଷା କରିଥାନ୍ତି ଏବଂ ଜୀବଜଗତକୁ ଦୁଃଖ ଯନ୍ତ୍ରଣାରୁ ଉଦ୍ଧାର କରିଥାନ୍ତି । ଅସୁରମାନଙ୍କ ବିନାଶ ପାଇଁ ସେ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି । ସେ ହେଉଛନ୍ତି ସଂହାରକାରିଣୀ ତଥାପି ସେ ଜଣେ ମାଆ । ଆଦିମ କାଳରୁ ପୁଣ୍ୟଭୂମି ଓଡ଼ିଶା ଶାକ୍ତ ପରମ୍ପରା ତଥା ଶକ୍ତି ଉପାସନା ପାଇଁ ସର୍ବଜନାଦୃତ । ଯେପରି ଶ୍ରୀଜଗନ୍ନାଥ ଧାମରେ ଇଷ୍ଟଦେବୀ ରୂପେ ମା' ବିମଳା ପୂଜିତା । ସେପରି ସମଗ୍ର ପୀଠ ମାନଙ୍କରେ ମା' ଦେବୀମାନେ ବିଭିନ୍ନ ନାମରେ ପୂଜିତା ହୁଅନ୍ତି । ସେମାନେ ବିଭିନ୍ନ ନାମ ସ୍ଥାନ ରୂପରେ ଆବିର୍ଭୂତା ହୋଇ ପୀଠ ମନ୍ଦିର ଆଶ୍ରମ ମଠ ଗଛମୂଳ, ନଦୀନାଳ ତଟଦେଶ ପାହାଡ଼ ପର୍ବତ ଓ ଜଙ୍ଗଲରେ ଆଶ୍ରିତା । ଓଡ଼ିଶାର ଭଦ୍ରକ ଜିଲ୍ଲାର ଆରାଧ୍ୟ ଦେବୀ ହେଲେ ମାତା ଭଦ୍ରକାଳୀ ସେ ପବିତ୍ରା ରୁଦ୍ରାକ୍ଷମାଳା ପରିହିତା, କ୍ଷମାଦାତ୍ରୀ, ମଙ୍ଗଳମୟୀ ବାତ୍ସଲ୍ୟମୟୀ, କୋଳରେ ଶିଶୁ ସନ୍ତାନ ଧାରିଣୀ, ମାତା ଚତୁର୍ଭୁଜା ଓ ସିଂହବାହିନୀ । ସେଥିପାଇଁ କୁହାଯାଏ, 'ଯା ଭଦ୍ରଂ କରୋତି ସା ଭଦ୍ରକାଳୀ' ଅର୍ଥାତ୍ ଯେଉଁ କାଳୀ ଆନନ୍ଦ, ମଙ୍ଗଳ, ଶାନ୍ତି, ମୈତ୍ରୀ, ସୁଖ ସୌଭାଗ୍ୟ ପ୍ରଦାନ କରନ୍ତି ସେ ଭଦ୍ରକାଳୀ । କାଳ ଶବ୍ଦର ସ୍ତ୍ରୀ ପ୍ରତ୍ୟେୟ କାଳୀ । କାଳୀ ଶବ୍ଦର ଅର୍ଥ ଧ୍ୱଂସ, ନାଶକାରୀ । ଶ୍ରୀମଦ୍ ଭାଗବତ ଗୀତାରେ ମଧ୍ୟ କାଳ ଶବ୍ଦର ପ୍ରୟୋଗ ରହିଛି । ଭଦ୍ରକାଳୀ ଏ ସଂସାରରେ ଅନ୍ୟାୟ, ଅତ୍ୟାଚାର, ପାପତାପ ସହିତ ପ୍ରଳୟରେ ସୃଷ୍ଟି ସଂହାର କରୁଥିବାରୁ ସେ କାଳୀ । ଶୁଦ୍ରମୁନି ସାରଳା ଦାସ ଶକ୍ତିଙ୍କ ବର୍ଣ୍ଣନା ଏହିପରି କରିଛନ୍ତି -

*'ଝଙ୍କଡ଼େ ରହିଲୁ ମାତା ସାରଳା ବୋଲାଇ*
*କାକଟପୁରେ ରହିଲୁ ମଙ୍ଗଳା ଯେ ତୁହି*
*ଲହ ଲହ ଜିହ୍ୱା ତୋର ସିନ୍ଦୁର ମୁଖମଣ୍ଡି*
*କୋଣାରକେ ରହିଲୁ ଅଭୟା ରାମଚଣ୍ଡୀ ।'*

ମାତା ଭଦ୍ରକାଳୀ ହେଉଛନ୍ତି ମଙ୍ଗଳମୟୀ , ବିଜୟଦାୟିନୀ, କ୍ଷମାଦାତ୍ରୀ, ସ୍ୱାହା, ସ୍ୱାଧା । ସେ ସର୍ବଘଟରେ ମାତୃରୂପରେ ବିଦ୍ୟମାନ । ସେ କାମନା ରୂପକ ମହିଷାସୁରକୁ ବିନାଶ କରି ଆୟୁ ଆରୋଗ୍ୟ, ଭୋଗ ମୁକ୍ତି ମୋକ୍ଷ ବିଜୟ ପ୍ରଦାନ କରନ୍ତି ତାଙ୍କୁ ଅନନ୍ତ କୋଟୀ ଦଣ୍ଡବତ । ତେଣୁ ଶ୍ଳୋକରେ କୁହାଯାଇଛି -

*'ଜୟନ୍ତୀ ମଙ୍ଗଳକାଳୀ ଭଦ୍ରକାଳୀ*
*କପାଳିନୀ ଶିବା, ଦୁର୍ଗା କ୍ଷମାଦାତ୍ରୀ ସ୍ୱାହା*
*ସ୍ୱାଧା ନମୋସ୍ତୁତେ ।*
*ମହିଷାଗ୍ନି ମହାମାୟୀ ଚାମୁଣ୍ଡେ*
*ମୁଣ୍ଡମାଳିନୀ ଆୟୁରୋଗ ବିଜୟଂ ଦେହୀ*
*ଭଦ୍ରକାଳୀ ନମୋସ୍ତୁତେ ।'*

ମାତା ଭଦ୍ରକାଳୀ ହେଉଛନ୍ତି ପ୍ରକୃତି ରୂପିଣୀ । ସେ ଭଗବାନ ଶ୍ରୀକୃଷ୍ଣଙ୍କର ମାୟାଶକ୍ତି । ସେ ବିଷ୍ଣୁଙ୍କ ମାୟା ରୂପରେ ବିଦ୍ୟମାନ । ଦେବକୀଙ୍କ ସପ୍ତମ ଗର୍ଭ ସନ୍ତାନଟିକୁ ବସୁଦେବଙ୍କ ଦ୍ୱିତୀୟ ପତ୍ନୀ ରୋହିଣୀଙ୍କ ଗର୍ଭରେ ସ୍ଥାପନ କରି ଧରାପୃଷ୍ଠରେ କୁମଦା, ଚଣ୍ଡିକା କୃଷ୍ଣା, ମାଧବୀ, କେତକୀ, ଭଦ୍ରକାଳୀ, ଦୁର୍ଗା ଆଦି ବହୁନାମରେ ଖ୍ୟାତ । ମହାକାଳୀ ରୂପରେ ସେ ବିଶ୍ୱକୁ ସଂହାର କରନ୍ତି । ସେ ତମ ଗୁଣର ପ୍ରତୀକ । ତମ ଗୁଣ ନାଶକାରୀ, ଧନଜନ ଗୋପଲକ୍ଷ୍ମୀ ଭାବେ ସେ ସକଳ ପ୍ରକାର ବୈଭବ ଓ ରଜଗୁଣର ପ୍ରତୀକ ଭାବେ ତଥା ମହାଲକ୍ଷ୍ମୀ ଭାବେ ସେ ପୂଜା ପାଆନ୍ତି । ଜ୍ଞାନବିଜ୍ଞାନ, ବିଦ୍ୟା, ବୁଦ୍ଧି, ସ୍ୱରୂପ ସତ୍ତ୍ୱଗୁଣର ପ୍ରତୀକ ହୋଇ ସେ ମହା ସରସ୍ୱତୀ ରୂପେ ପୂଜା ପାଆନ୍ତି । ଏହି କଥା ସପ୍ତସତୀ ଚଣ୍ଡୀରେ ବର୍ଣ୍ଣିତ । ମହାକାଳୀ ଦୁଷ୍ଟ ଦୁରାଚାର ଅନ୍ୟାୟ ଅତ୍ୟାଚାର ସଂହାର କରୁଥିବାରୁ ସେ କରାଳବଦନା କୃଷ୍ଣବର୍ଣ୍ଣା କଳା ଶବାରୁଢା, ନୃମୁଣ୍ଡମାଳିନୀ । ଓଡ଼ିଶା ତଥା ଭାରତ ଭୂଖଣ୍ଡରେ ପୂଜିତା କାଳୀ ପବିତ୍ରା ମଙ୍ଗଳମୟୀ, ଆନନ୍ଦ ପ୍ରଦାୟିନୀ 1 ଉତ୍କଳରେ ବହୁ ଶକ୍ତିପୀଠ ରହିଛି ତନ୍ମଧ୍ୟରୁ ଭଦ୍ରକର ଭଦ୍ରକାଳୀ ପୂଜା ସାରା ଭାରତ ତଥା ଉତ୍କଳରେ ସୁପରିଚିତ । ଭଦ୍ରକାଳୀଙ୍କ ନାମ ଅନୁସାରେ ଭଦ୍ରକର ସ୍ଥାନ ନାମିତ ହୋଇ ଥିବାର କଥିତ ଅଛି । ଶ୍ରୁତି ପୁରାଣ କିମ୍ବଦନ୍ତୀ ଅନୁସାରେ ଭଗବାନ ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିବା ନିମିତ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ଦିନ ଯୁଦ୍ଧ ଅଭିମୁଖେ ଯାତ୍ରା ଅଭିଯାନ ଆରମ୍ଭ କରିଥିଲେ । ଏହି ତିଥି ବିଜୟା ଦଶମୀ ବା ଦଶହରା ନାମରେ ବିଖ୍ୟାତ । ସଂସାରର କାମନା ବାସନାର ଲୋପ ପାଇଁ ଦୁର୍ଗା, ମହାଶକ୍ତି , କାଳୀ, ଭଦ୍ରକାଳୀ, ମହାକାଳୀ, ଧନଜନ ଗୋପଲକ୍ଷ୍ମୀ ପାଇଁ ମହାଲକ୍ଷ୍ମୀ, ବିଦ୍ୟା ବୁଦ୍ଧିର ବିକାଶ ପାଇଁ ମାତା ସରସ୍ୱତୀ ରୂପେ ପ୍ରତିଭାତ ହୁଅନ୍ତି । ଦୀପାବଳିରେ ଦୀପଜାଳି ରାତ୍ର ଉଜାଗର ରହି ମା' କାଳୀଙ୍କ ଉପାସନା କଲେ, ବିଶେଷ ଫଳ ପାପ୍ତି ହୁଏ ।

କାଳ ଗର୍ଭରେ ଏ ଭୂତ ଜଗତର ସୃଷ୍ଟି ଓ ସଂହାର ମଧ୍ୟ କାଳ ସମଗ୍ର ଭୂତ ଜଗତକୁ ସୃଷ୍ଟି, ପାଳନ କରିବା ସହିତ ସଂହାର ମଧ୍ୟ କରନ୍ତି । କାଳୀ ହେଉଛନ୍ତି ଜଗତର ଆଧାରଭୂତା । ଆକାଶ, ବାୟୁ, ଗ୍ରହ, ନକ୍ଷତ୍ର ଓ ମର୍ତ୍ତ୍ୟ ସବୁଠାରେ ମହାଶକ୍ତି କାଳୀଙ୍କର ଅପୂର୍ବଲୀଳା ଦେଖିବାକୁ ମିଳେ । ଶିବଙ୍କର ଅଷ୍ଟମୂର୍ତ୍ତି ପରି କାଳୀଙ୍କର ଅଷ୍ଟରୂପ ରହିଛି । ଚିନ୍ତାମଣି, ସ୍ୱର୍ଶମଣି, ସ୍ୱର୍ଣ୍ଣମଣି, ସନ୍ତତିପ୍ରଦା, ସିଦ୍ଧି, ଦକ୍ଷିଣା, କାମକଳା ହଂସ ଓ ଗୁହ୍ୟକାଳୀ ଅଷ୍ଟଦେବୀ ରୂପେ ବର୍ଣ୍ଣିତ । କାଳୀଙ୍କ ଅବତାର ମଧ୍ୟରେ ଦକ୍ଷିଣକାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, ଶ୍ମଶାନକାଳୀ ଓ ଶ୍ୟାମାକାଳୀଙ୍କ ଉପାସନା ଗୁରୁତ୍ୱପୂର୍ଣ୍ଣ । ଦେବୀ ଶକ୍ତି ସ୍ୱରୂପିଣୀ ଅନନ୍ତ ଶକ୍ତି ଦ୍ୱାରା ବିଶ୍ୱ ପରିଚାଳନା ଏବଂ ସଂହାରଣାଦି ପରିଚାଳନା କରନ୍ତି।

ଦେବୀ ଅଚିନ୍ତ୍ୟ ଶକ୍ତି ଅଚିନ୍ତ୍ୟରୂପ । ତାଙ୍କ ରୂପର କଳନା ନାହିଁ । ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ । ସୃଷ୍ଟିର ମଙ୍ଗଳ ପାଇଁ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ପାପ, ଅନ୍ୟାୟ ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ହୁଏ ଆବିର୍ଭାବ । ମାନବ ଜାତିର ଅଭ୍ୟୁତ୍ଥାନ ସହିତ ଦେବୀଙ୍କ ପୂଜା ପ୍ରତିଷ୍ଠା ସମ୍ପାଦିତ । କାଳରାତ୍ରୀ, ମୋହରାତ୍ରୀ, ମହାରାତ୍ରୀ ତଥା ଦାରୁଣରାତ୍ରୀ ହେଉଛି ଦେବୀକାଳୀଙ୍କର ପୂଜାର୍ଚ୍ଚନା ତଥା ସାଧନାର ସମୟ ।

କାର୍ତ୍ତିକ ମାସ ଅମାବାସ୍ୟାର କାଳରାତ୍ରୀରେ ମହାକାଳୀଙ୍କ ଆବିର୍ଭାବ ତଥା ପୂଜାର ବାସ୍ତବ ସମୟ କାରଣ କାଳରାତ୍ରୀ ହିଁ ମହାକାଳୀଙ୍କ ପ୍ରିୟ ରାତ୍ରୀ ଅଟେ । ଭାରତର ଅଧିକ ରାଜ୍ୟରେ ଦୀପାବଳି ଦିନ ଗଣେଷ ଓ ଲକ୍ଷ୍ମୀଙ୍କର ପୂଜା ହେଉଥିବାବେଳେ ପଶ୍ଚିମବଙ୍ଗ, ଓଡ଼ିଶା ଓ ଆସାମରେ ଏହିଦିନ ମା କାଳୀଙ୍କର ପୂଜା ଅର୍ଦ୍ଧରାତ୍ରୀରେ ହୁଏ । କୁହାଯାଏ ଯେ ରାକ୍ଷସମାନଙ୍କର ବଧ କରିବା ପରେ ମଧ୍ୟ ଯେତେବେଳେ ମହାକାଳୀଙ୍କର କ୍ରୋଧ ଶାନ୍ତ ହେଲାନାହିଁ, ସେତେବେଳେ ଭଗବାନ ଶିବ ସ୍ୱୟଂ ତାଙ୍କ ଚରଣରେ ଶୋଇପଡିଲେ ।

ଭଗବାନ ଶିବଙ୍କ ଶରୀର ସ୍ପର୍ଶ ମାତ୍ରକେ ଦେବୀଙ୍କର କ୍ରୋଧ ଶାନ୍ତ ହୋଇଗଲା । ଏହି ସ୍ଥିତିରେ ଦେବୀଙ୍କର ଶାନ୍ତରୂପ ଲକ୍ଷ୍ମୀଙ୍କୁ ବି ପୂଜା କରାଯାଏ । କିଛିଭାଗରେ ଦେବୀଙ୍କର ରୌଦ୍ରରୂପ ବି ପୂଜା ହେବାର ଦେଖାଯାଏ । ଦୁଷ୍ଟ ଓ ପାପୀମାନଙ୍କର ସଂହାର କରିବା ପାଇଁ ମାତା ଦୁର୍ଗା, କାଳୀ ରୂପ ନେଇଥିଲେ । କୁହାଯାଏ ଯେ ମା' କାଳୀଙ୍କୁ ପୂଜା କଲେ ସବୁ ଦୁଃଖ ହରଣ ହୋଇଯାଇଥାଏ । ଜନ୍ମ ଜାତକରେ ରାହୁ ଓ କେତୁ କାଳୀଙ୍କୁ ପୂଜିବା ଦ୍ୱାରା ଶାନ୍ତ ହୋଇଯାଆନ୍ତି । ଅନେକ ସ୍ଥାନରେ ତନ୍ତ୍ର ସାଧନା ପାଇଁ ମଧ୍ୟ କାଳୀଙ୍କୁ ସାଧନା କରାଯାଏ ।

**ଭୁବନେଶ୍ୱର**
**ମୋ-୭୯୭୮୧୧୦୪୭୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ରାଷ୍ଟ୍ରପତି ଭବନରେ ସ୍ଥାପିତ ହେଲା
# କୋଣାର୍କ ଚକର ୪ଟି ପ୍ରତିକୃତି



ନୂଆଦିଲ୍ଲୀ: ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ଓ ଅମୃତ ଉଦ୍ୟାନରେ ବାଲୁକା ପଥରରେ ନିର୍ମୀତ କୋଣାର୍କ ଚକର ୪ଟି ପ୍ରତିକୃତି ସ୍ଥାପନ କରାଯାଇଛି । ପର୍ଯ୍ୟଟକଙ୍କ ମଧ୍ୟରେ ଦେଶର ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ ଓ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କୋଣାର୍କ ଚକ ସ୍ଥାପନ ରଖାଯାଇଛି । ରାଷ୍ଟ୍ରପତି ଭବନରେ ପାରମ୍ପରିକ ସାଂସ୍କୃତିକ ଓ ଐତିହାସିକ ଉପାଦାନକୁ ସାମିଲ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏହା ହେଉଛି ଗୋଟିଏ ଅଂଶବିଶେଷ ।

ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ମାନ୍ୟତା ପାଇଥିବା କୋଣାର୍କ ସୂର୍ଯ୍ୟ ମନ୍ଦିର ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ଏକ ଉତ୍କୃଷ୍ଟ ନମୁନା । ସୂର୍ଯ୍ୟ ଦେବତାଙ୍କୁ ନେଇ ଯାଉଥିବା ଏକ ବିରାଟ ରଥ ଆକାରରେ ଏହା ନିର୍ମିତ ହୋଇଥିଲା । କୋଣାର୍କ ଚକ ଭାରତର ସାଂସ୍କୃତିକ ଐତିହ୍ୟର ପ୍ରତୀକ ।

## ‘୭୦ ବର୍ଷୀୟ ସମସ୍ତ ବୃଦ୍ଧାଙ୍କୁ ମୁଁ କ୍ଷମା ମାଗୁଛି’
# କାହିଁକି ଏମିତି କହିଲେ ମୋଦି

ନୂଆଦିଲ୍ଲୀ: ଆୟୁର୍ବେଦ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସାରା ଦେଶରେ ଆୟୁଷ୍ମାନ ଯୋଜନା ପାର୍ଟ ୨ ଲାଗୁ କରିଛନ୍ତି । ଯେଉଁଥିରେ ୭୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କ ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ମାଗଣା ଯୋଗାଇ ଦିଆଯିବ । ସାରା ଦେଶରେ ଏହି ଯୋଜନା ଲାଗୁ ହୋଇଥିବା ବେଳେ ଏହାକୁ କିନ୍ତୁ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ସରକାର ନିଜ ରାଜ୍ୟରେ ଲାଗୁ କରିନାହାନ୍ତି । ଯାହାକୁ ନେଇ କଡା ନିଶାନା ସାଧିଛନ୍ତି ମୋଦି । ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନକରିବା ପାଇଁ ଟିଏମସି ଏବଂ ଆପ ସରକାର ଉପରେ ବର୍ଷିଛନ୍ତି । ଏହାକୁ ନେଇ ଦିଲ୍ଲୀ ଆଉ ପଶ୍ଚିମବଙ୍ଗରେ ରହୁଥିବା ୭୦ ବୟସ୍କ ବ୍ୟକ୍ତିଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି ମୋଦି ।

ଯାହାକୁ ନେଇ ଏହି ଦୁଇ ସରକାରଙ୍କୁ କଡା ନିନ୍ଦା କରିବା ସହ ମୋଦି କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରେ ଦିଲ୍ଲୀ ଓ ପଶ୍ଚିମବଙ୍ଗ ବୟସ୍କ ବ୍ୟକ୍ତିମାନେ ଉପକୃତ ହୋଇପାରିବେ ନାହିଁ । କାରଣ ସେଠିକା ସରକାର ରାଜନେତିକ ସ୍ୱାର୍ଥ ରଖି ଏହି ଯୋଜନାକୁ ଲାଗୁ କରାଉନାହାନ୍ତି ।



ନିଜ ରାଜ୍ୟର ଅସୁସ୍ଥ ଲୋକଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ତେଣୁ ସେଠିକା ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ମୁଁ କ୍ଷମା ମାଗୁଛି । ମୁଁ ଚାହିଁକି ବି ସେମାନଙ୍କୁ ସାହାର୍ଯ୍ୟ କରିପାରିବି ନାହିଁ ।

ତେବେ କହିରଖୁଛୁ ଯେ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଏବେ ପର୍ଯ୍ୟନ୍ତ ନିଜ ରାଜ୍ୟରେ ଲାଗୁ କରିନାହାନ୍ତି । ତେବେ ଏହି ଯୋଜନା ବୟସ୍କ ବ୍ୟକ୍ତିଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥାଏ । ବର୍ତ୍ତମାନ ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ସାମିଲ କରିଛନ୍ତି ପ୍ରଧାନମନ୍ତ୍ରୀ ।

# ବଢ଼ିପାରେ ଚିନି ମୂଲ୍ୟ

ନୂଆଦିଲ୍ଲୀ: ଉତ୍ପାଦନ ଖର୍ଚ୍ଚ ବଢୁଛି, ତେଣୁ ଚିନିର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି) ବଢ଼ାଅ । ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପାଖରେ ଏଭଳି ଦାବି କରିଛି ଭାରତୀୟ ଚିନି ଏବଂ ଜୈବ-ଉର୍ଜା ଉତ୍ପାଦକ ସଂଘ । ସଂଘ କହିଛି, ୨୦୧୯ ଠାରୁ ଚିନିର ଏମ୍‌ଏସପି ୩୧ ଟଙ୍କା ରହିଛି । ଏଥିରେ କୌଣସି ବୃଦ୍ଧି ହୋଇ ନାହିଁ । ଆଉ ବର୍ତ୍ତମାନ ମହଙ୍ଗା ବଜାରରେ ଚିନିର ଉତ୍ପାଦନ ଖର୍ଚ୍ଚ ବଢୁଛି । ଏଥିରେ ମିଲରମାନେ କ୍ଷତି ସହୁଛନ୍ତି । ତେଣୁ ଏମ୍‌ଏସପି କେଜି ପିଛା ୩୯.୧୪ ଟଙ୍କା ବୃଦ୍ଧି କରାଯାଉ ବୋଲି (ଆଇଏସଏମଏ) ଦାବି କରିଛି ।

ସଂଘର କହିବା କଥା ହେଲା ୨୦୧୯ ଠାରୁ ଏପର୍ଯ୍ୟନ୍ତ ଆଖୁର ଉପଯୁକ୍ତ ଲାଭକାରୀ ମୂଲ୍ୟ ଯାହାକୁ ଇଂରାଜୀରେ ଫେୟାର ରେମୁନେରେଟିଭ ପ୍ରାଇସ୍ ବୋଲି କୁହାଯାଏ, ତାହା ପାଞ୍ଚ ଗୁଣ ବୃଦ୍ଧି ପାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଚିନି ଉତ୍ପାଦନ ସମୟରେ ଆଖୁର ଏଫ୍‌ଆରପି କ୍ୱିଣ୍ଟାଲ ପିଛା ୩୪୦ ଟଙ୍କା ରହିଛି ।



ଚିନି ମୂଲ୍ୟ (ନିୟନ୍ତ୍ରଣ) ନିର୍ଦ୍ଦେଶ ୨୦୨୮ ଅନୁଯାୟୀ, ଏମ୍‌ଏସପି ନିର୍ଣ୍ଣୟ ଏଫ୍‌ଆରପି ସ୍ତରରେ ହିସାବ ଉଚିତ୍ କିନ୍ତୁ ବର୍ତ୍ତମାନର ଏମଏସପି ବର୍ଦ୍ଧିତ ଖର୍ଚ୍ଚକୁ ପୂରା କରୁ ନାହିଁ । ସଂଘ ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି ଚିନି ଶିଳ୍ପ ରାଜସ୍ୱର ୮୫%ରୁ ଅଧିକ ଯୋଗଦାନ ଦେଇଥିବାରୁ ଚିନିର ଏକ୍ସ ମିଲ ମୂଲ୍ୟ ଆଖୁ କିଣିବାକୁ ଯଥେଷ୍ଟ ହେବା ଉଚିତ ବୋଲି ଦାବି କରୁଛି । ଏଥିରେ ଆର୍ଥିକ ସ୍ଥିରତା ଆସିବ ।

ବର୍ତ୍ତମାନ ଏକ୍ସ-ମିଲ ଚିନି ମୂଲ୍ୟ କେଜି ପ୍ରତି ୩୬.୫ ଟଙ୍କା ରହିଛି । ହେଲେ ଉତ୍ପାଦନ ଖର୍ଚ୍ଚ କେଜି ପ୍ରତି ୪୧.୬୬ ଟଙ୍କା ହେଉଛି । ତେଣୁ ଉତ୍ପାଦନ ଖର୍ଚ୍ଚ ଠାରୁ ଚିନି ମୂଲ୍ୟ ବହୁତ କମ ରହିଛି । ଏହି କ୍ଷତିରୁ ବର୍ତ୍ତିବା ପାଇଁ ଚିନିର ଏମଏସପି ବୃଦ୍ଧି କରିବା ଆବଶ୍ୟକ ବୋଲି ସଂଘ କହିଛି । ସଂଘ ଆହୁରି କହିଛି ଯେ ଏଭଳି ସମନ୍ୱୟ ରହିଲେ ମିଲଗୁଡିକ ଆର୍ଥିକ ଦୃଷ୍ଟିରୁ ସକ୍ଷମ ହୋଇପାରିବେ ଏବଂ କୃଷକମାନଙ୍କୁ ଠିକ ସମୟରେ ଦେୟ ପ୍ରଦାନ କରିପାରିବେ । କୃଷକ ଆଖୁରୁ ପେମେଣ୍ଟ ଠିକ୍ ଭାବରେ ନ ପାଇବାରୁ ଏହା ଗ୍ରାମାଞ୍ଚଳର ଅର୍ଥନୀତିକୁ ପ୍ରଭାବିତ କରୁଛି ବୋଲି ସଂଘ କହିଛି ।

ଚିନିର ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ଉପରେ ସାମାନ୍ୟ ପ୍ରଭାବ ପକାଇବ । କାରଣ ଦେଶର ୬୦ ପ୍ରତିଶତ ଚିନି ବିଭିନ୍ନ ଉଦ୍ୟୋଗ ଦ୍ୱାରା ବ୍ୟବହାର କରାଯାଉଛି । ଆଉ ଏହି ଉଦ୍ୟୋଗମାନଙ୍କର ଉତ୍ପାଦନ ଖର୍ଚ୍ଚ ବହନ କରିବାର କ୍ଷମତା ରହିଛି । ଆଇଏସଏମଏ ସଭାପତି ପ୍ରଭାକର ରାଓ କହିଛନ୍ତି ଉଦ୍ୟୋଗ ଗୁଡ଼କ ସହୁଥିବା କ୍ଷତିର ଭରଣା ପାଇଁ ଆମକୁ ତୁରନ୍ତ ଚିନିର ଏମସଏପି ବୃଦ୍ଧି ପାଇଁ ସରକାରଙ୍କ ସହଯୋଗ ଆବଶ୍ୟକ ।

# ନୈମ କ୍ୱାସୀମ ହେଜବୁଲ୍ଲାର ନୂଆ ମୁଖ୍ୟ

ନୂଆଦିଲ୍ଲୀ: ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲାର ନୂଆ ମୁଖ୍ୟ ଭାବେ ଚୟନ ହୋଇଛନ୍ତି ନୈମ କ୍ୱାସୀମ । ବର୍ତ୍ତମାନ ସେ ହେଜବୁଲ୍ଲାର ଉପ ମହାସଚିବ ଓ ସେକେଣ୍ଡ ଇନ କମାଣ୍ଡ ଭାବେ କାମ କରୁଛନ୍ତି ।

ବରିଷ୍ଠ ଓ ଅଭିଜ୍ଞତା ଦୃଷ୍ଟିରୁ ସେ ହେଜବୁଲ୍ଲାର ମୁଖ୍ୟ ଭାବେ ଚୟନ ହୋଇଛନ୍ତି । ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ହେଜବୁଲ୍ଲା ମୁଖ୍ୟ ଭାବେ କାମ କରୁଥିବା ହାସନ ନସ୍ରଲ୍ଲା ସେପ୍ଟେମ୍ବର ୨୭ରେ ପ୍ରାଣ ହରାଇଥିଲେ । ଏବେ ତାଙ୍କ ସ୍ଥାନ ନୈମ କ୍ୱାସୀମ ନେବେ ।



ସଂଗଠନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ହେଜବୁଲ୍ଲାର ଶୁରା ପରିଷଦ ୭୧ ବର୍ଷୀୟ କ୍ୱାସୀମଙ୍କୁ ମହାସଚିବ ଭାବେ ନିଯୁକ୍ତ କରିଛି । ୧୯୯୧ ମସିହାରୁ ସେ ସଂଗଠନ ଉପ ମହାସଚିବ ଭାବେ କାର୍ଯ୍ୟ କରୁଛନ୍ତି । ଏବେ ତାଙ୍କୁ ସଂଗଠନର ମୁଖ୍ୟ ଭାବେ ନିଯୁକ୍ତ କରାଯାଉଛି ।

ନସ୍ରଲ୍ଲାଙ୍କ ମୃତ୍ୟୁ ପରେ କ୍ୱାସୀମ ବେଶ ସକ୍ରିୟ ହୋଇ ଉଠିଥିଲେ । ସେ ନିଜର ସମର୍ଥକମାନଙ୍କୁ ବେରୁଟରେ ଗୋଟିଏ ଥର ଓ ଇରାନର ରାଜଧାନୀ ତେହରାନ ଠାରେ ଦୁଇ ଥର ସମ୍ବୋଧନ କରିଛନ୍ତି ।

ଗୋଟିଏ ଭାଷଣରେ ସେ ଇସ୍ରାଏଲ-ହେଜବୁଲ୍ଲା ମଧ୍ୟରେ ଅସ୍ତ୍ରବିରତି ଲାଗୁ କରିବାକୁ ମଧ୍ୟ ମତ ରଖିଥିଲେ । ତେଣୁ ସେ ହେଜବୁଲ୍ଲାର ମୁଖ୍ୟ ହୋଇଥିବାରୁ ଆଗକୁ ଇସ୍ରାଏଲ ସହ ଚାଲିଥିବା ଲଢେ କେଉଁ ମୋଡ ନେଉଛି, ତା’ ଉପରେ ସମସ୍ତଙ୍କ ନଜର ରହିଛି ।

ନସ୍ରଲ୍ଲାଙ୍କ ମୃତ୍ୟୁ ପରେ ହାଶୀମ ସୈଫିଦ୍ଦିନ ହେଜବୁଲ୍ଲାର ମୁଖ୍ୟ ହେବେ ବୋଲି କୁହାଯାଉଥିଲା । କିନ୍ତୁ ଇସ୍ରାଏଲ ବେରୁଟରେ ଏୟାର ଷ୍ଟ୍ରାଇକ କରି ହାଶୀମଙ୍କୁ ମଧ୍ୟ ହତ୍ୟା କରିଥିଲା । ଏହାପରେ ଜୀବନ ବଞ୍ଚାଇବା ପାଇଁ କ୍ୱାସୀମ ଇରାନ ଚାଲି ଯାଇଥିବା କୁହାଯାଇଥିଲା ।

ୟୁଏଇ ଭିତ୍ତିକ ଗୋଟିଏ ନ୍ୟୁଜ ଏଜେନ୍ସି ରିପୋର୍ଟ ଦେଇଥିଲା ଯେ ଅକ୍ଟୋବର ୫ରୁ କ୍ୱାସୀମ ବେରୁଟ ଛାଡ଼ି ଇରାନ ଚାଲି ଯାଇଛନ୍ତି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଗଚି ଲେବାନନର ଓ ସିରିୟାକୁ ସରକାର ଗସ୍ତରେ ଆସିଥିଲେ । ତାଙ୍କରି ବିମାନରେ କ୍ୱାସୀମ ଇରାନ ଚାଲି ଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା ।

୧୯୯୧ ମସିହାରେ କ୍ୱାସୀମଙ୍କୁ ହେଜବୁଲ୍ଲାର ତତ୍କାଳୀନ ମହାସଚିବ ଆବାସ ଅଲ ମୁସାୱି ଉପ ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ । ଏହି ସମୟସୀମା ମଧ୍ୟରେ ସଂଗଠନରେ ସେ ତାଙ୍କର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଛନ୍ତି ।

ଲେବାନନର ଶିଆ ଅମାଲ ବିପ୍ଳବରୁ ତାଙ୍କର ରାଜନୀତିକ ଯାତ୍ରା ଆରମ୍ଭ ହୋଇଥିଲା । ୧୯୭୯ରେ ସେ ଇରାନର ଇସଲାମିକ ବିପ୍ଳବ ଯୋଗୁ ସଂଗଠନକୁ ଛାଡ଼ି ଦେଇଥିଲେ ।

ହେଜବୁଲ୍ଲା ଗଠନ ପାଇଁ ଇରାନର ରେଭ୍ୟୁଲେସନାରୀ ଗାର୍ଡସ ପ୍ରଥମେ କରିଥିବା ବୈଠକରେ ମଧ୍ୟ କ୍ୱାସୀମ ସାମିଲ ହୋଇଥିଲା । ୧୯୮୨ରେ ଇସ୍ରାଏଲର ଅନୁପ୍ରବେଶ ପରେ ହେଜବୁଲ୍ଲା ଗଠନ ହୋଇଥିଲା ।

ହେଜବୁଲ୍ଲାର ସଂସଦୀୟ ନିର୍ବାଚନର ପ୍ରଚାର ବେଳେ ସେ ସାଧାରଣ ସଂଯୋଜକ ରହିଥିଲେ । ହେଜବୁଲ୍ଲା ୧୯୯୨ରେ ପ୍ରଥମଥର ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ବେଳେ କ୍ୱାସୀମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଭୟଙ୍କର ବସ୍ ଦୁର୍ଘଟଣା
## ଚାଲିଗଲା ୧୨ ଜୀବନ

ନୂଆଦିଲ୍ଲୀ: ରାଜସ୍ଥାନର ସିକାରରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା । ଗୋଟିଏ ଯାତ୍ରିବାହୀ ବସ୍ ଦ୍ରୁତଗତିରେ କଲଭର୍ଟରେ ପିଟି ହୋଇ ଛିନଛତ୍ର ହୋଇଯାଇଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି । ପୁଲିସର ପ୍ରାଥମିକ ସୂଚନା ଅନୁଯାୟୀ, ପୂରା ଘଟଣା ମଙ୍ଗଳବାର ମଧ୍ୟାହ୍ନ ସମୟରେ ଘଟିଛି । ବସ୍ଟି ସାଲସରରୁ ଆସୁଥିଲା । କିନ୍ତୁ ସିକାର ଜିଲ୍ଲାରେ ଥିବା ଲକ୍ଷ୍ମୀଗଡ଼ ନିକଟରେ ଏହା ଗୋଟିଏ କଲଭର୍ଟରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି ବସ୍ଟି ମଧ୍ୟ ପୂରା ଛିନଛତ୍ର ହୋଇଯାଇଛି । ଉଦ୍ଧାରକାରୀ ଦଳ ଦୁର୍ଘଟଣାଗ୍ରସ୍ତ ବସରୁ ଆହତମାନଙ୍କୁ ବାହାର କରି ଲକ୍ଷ୍ମୀଗଡ଼ରେ ଥିବାରେ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । କ୍ରେନ ଦ୍ୱାରା ବସ୍କୁ ସ୍ଥାନାନ୍ତର କରାଯିବା ସହ ଘଟଣାର ଅଧିକ ତଦନ୍ତ କରାଯାଉଛି । ସମ୍ଭବତଃ ଗାଡ଼ିର ବେଗ ଅଧିକ ଥିବାରୁ ଡ୍ରାଇଭର ଭାରସାମ୍ୟ ହରାଇ କଲଭର୍ଟରେ ଏହାକୁ ପିଟି ଦେଇଥିବା ସନ୍ଦେ କରାଯାଉଛି ।

## ପାକିସ୍ତାନରେ ପ୍ରଦୂଷଣ ବୃଦ୍ଧି ହେବାର କାରଣ କ’ଣ?

ଲାହୋରର ଧୂଆଁ ପରିସ୍ଥିତିକୁ ନେଇ ପରିବେଶ ସୁରକ୍ଷା ଏବଂ ସାଂସ୍କୃତିକ ପରିବର୍ତ୍ତନ ବିଭାଗ (ଇପିସିସିଡି) ସଚିବ ରାଜା ଜାହାଙ୍ଗୀର ଅନୱାର କହିଛନ୍ତି ଯେ ଧୂଆଁର ଅନେକ କାରଣ ରହିଛି, ଯେଉଁଥିରେ ଗାଡି ଧୂଆଁ, ନଡା ଜଳିବା, କାରଖାନାରୁ ନିର୍ଗମନ ଏବଂ ଇଟାଭାଟି କାର୍ଯ୍ୟରୁ ନିର୍ଗତ ଧୂଆଁରୁ ବାୟୁ ପ୍ରଦୁଷଣ ହୁଏ । ବୈଜ୍ଞାନିକ ଅନୁସନ୍ଧାନର ଅଭାବକୁ ମଧ୍ୟ ସେ ସୂଚିତ କରିଛନ୍ତି । ପାକିସ୍ତାନରେ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଖାଦ୍ୟ ଏବଂ କୃଷି ସଂଗଠନ ଏବଂ ସହରୀ ୟୁନିଟ୍ ଦ୍ୱାରା ତିନୋଟି ଅଧ୍ୟୟନ କରାଯାଇଥିଲା ।

# ବାଇଡେନ ହ୍ୱାଇଟ ହାଉସରେ ଶେଷ ଦୀପାବଳି ପାଳନ କଲେ, ହାରିସ୍ ଅନୁପସ୍ଥିତ

ୱାଶିଂଟନ: ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ହ୍ୱାଇଟ ହାଉସରେ ନିଜର ଶେଷ ଦୀପାବଳି ଉତ୍ସବ ଆୟୋଜନ କରିଥିଲେ । ହ୍ୱାଇଟ ହାଉସରେ ପାଳନ କରାଯାଇଥିବା ଏହି ଦୀପାବଳି ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ସାଂସଦ, ଅଧିକାରୀ ତଥା କର୍ପୋରେଟ କାର୍ଯ୍ୟନିର୍ବାହୀଙ୍କ ସମେତ ୬୦୦ରୁ ଅଧିକ ବିଶିଷ୍ଟ ଭାରତୀୟ ଆମେରିକୀୟ ଯୋଗ ଦେଇଥିଲେ ।

ଆମେରିକାର ରାଷ୍ଟ୍ରପତି ହ୍ୱାଇଟ ହାଉସର ଇଷ୍ଟ ରୁମରେ କହିଛନ୍ତି, ରାଷ୍ଟ୍ରପତି ଭାବରେ ମୁଁ ହ୍ୱାଇଟ ହାଉସରେ ଆୟୋଜିତ ହୋଇଥିବା ସର୍ବ ବୃହତ ଦୀପାବଳି ରିସେପ୍ସନ ଆୟୋଜନ କରିବାର ଗେରବ ପାଇଛି । ମୋ ପାଇଁ ଏହାର ଅର୍ଥ ବହୁତ । ସିନେଟର, ଉପରାଷ୍ଟ୍ରପତି ଏବଂ ରାଷ୍ଟ୍ରପତି ଭାବେ ମୁଁ ହ୍ୱାଇଟ ହାଉସରେ ଦୀପାବଳି ପାଳନ କରିଛି ।

କମଳା ହାରିସ୍‌ଙ୍କ ଠାରୁ ଡକ୍ଟର ମୂର୍ତ୍ତୀ ଏବଂ ଆଜି ଆପଣମାନଙ୍କ ମଧ୍ୟରୁ ଅନେକ ଆମେରିକାର ପ୍ରତିନିଧିତ୍ୱ କରିଥିବାରୁ ମୁଁ ଗର୍ବିତ । ଏକ ଦୃଢ଼ ପ୍ରଶାସନ ଗଠନ ପାଇଁ ମୁଁ ମୋର ପ୍ରତିବଦ୍ଧତା ପୂରଣ କରିଛି ।

ତେବେ ଉପରାଷ୍ଟ୍ରପତି କମଳା ହାରିସ୍ ଏବଂ ପ୍ରଥମ ଲେଡି ଡକ୍ଟର ଜିଲ୍ ବାଇଡେନ ରାଷ୍ଟ୍ରପତି ଭବନରେ ଦୀପାବଳି ଉତ୍ସବରେ ଯୋଗ ଦେଇପାରି ନ ଥିଲେଛ ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ଉଭୟ ବ୍ୟସ୍ତ ଥିଲେ । ଏହି ସମୟରେ, ବାଇଡେନଙ୍କ ଭାଷଣ ପୂର୍ବରୁ ଉପ-ଆଡମିରାଲ ବିବେକ ଏଚ୍ ମୁର୍ତ୍ତୀ, ଆମେରିକାର ସର୍ଜନ ଜେନେରାଲ୍, ଅବସରପ୍ରାପ୍ତ ନେସେନା ଅଧିକାରୀ ତଥା ନାସାର ମହାକାଶଚାରୀ ସୁନୀତା ୱିଲିୟମ୍ସ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନରୁ ଏକ ରେକର୍ଡ ଭିଡିଓ ବାର୍ତ୍ତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଭାରତୀୟ-ଆମେରିକୀୟ ଯୁବ କାର୍ଯ୍ୟକର୍ତ୍ତା ଶ୍ରୁତି ଅମୁଲା ରାଷ୍ଟ୍ରପତିଙ୍କୁ ଭେଟିଥିଲେ ।

ଏଥି ସହିତ, ରାଷ୍ଟ୍ରପତି ବାଇଡେନ ହ୍ୱାଇଟ ହାଉସର ବ୍ଲୁ ରୁମରେ ଦୀପ ଜାଳି କହିଥିଲେ, ଯେ ଦକ୍ଷିଣ ଏସୀୟ ଆମେରିକୀୟ ସମ୍ପ୍ରଦାୟ ଆମେରିକାର ଜୀବନର ପ୍ରତ୍ୟେକ ଅଂଶକୁ ସମୃଦ୍ଧ କରିଛନ୍ତି ।

ସେ କହିଥିଲେ, ଆମେରିକାରେ ଏହି ଦିନ ଆମେ ଆଲୋକର ଯାତ୍ରା ବିଷୟରେ ଚିନ୍ତା କରୁଛୁ । ଆମେରିକୀୟ ଗଣତନ୍ତ୍ର କେବେ ସହଜ ହୋଇ ନାହିଁ । ଆମ ଭଳି ବିବିଧ ଦେଶରେ ଆମେ ବିତର୍କ କରୁ, ଆମେ ସହମତ ନୁହଁ, ଯେହେତୁ ଆମେ ଆପୋଷ ବୁଝାମଣା ଏବଂ ସହମତି ମାଧ୍ୟମରେ ଆଗକୁ ବଢୁଛୁ । ମୁଁ, ୫୦ବର୍ଷର ଜନସେବା ଆତ୍ମବିଶ୍ୱାସର ସ୍ୱଚ୍ଛତା ସହିତ କରିଛି ବୋଲି ବାଇଡେନ କହିଥିଲେ ।

# ନୋଏଡା-ଗାଜିଆବାଦରେ ବଢୁଥିବା ବାୟୁ ପ୍ରଦୂଷଣ ପାଇଁ ପାକିସ୍ତାନ ଦାୟୀ !

ନୂଆଦିଲ୍ଲୀ: ଦିପାବଳୀ ଯେତିକି ପାଖେଇ ଆସୁଛନ୍ତି ଦିଲ୍ଲୀ-ଏନସିଆରର ବାୟୁ ବିଷାକ୍ତ ହେବାରେ ଲାଗିଛି । ଶୀତ ଦିନେ ଏବଂ ଦିପାବଳୀ ପରଠାରୁ ଦିଲ୍ଲୀ ନିକଟରେ ଥିବା ଅନେକ ଅଞ୍ଚଳରେ ପ୍ରଦୁଷଣର ମାତ୍ରା ଏତେ ବଢିଯାଏ ଯେ ଶ୍ୱାସକ୍ରିୟା ମଧ୍ୟ କଷ୍ଟସାଧ ହୋଇଯାଏ । ଗତ ଅନେକ ବର୍ଷ ପରି, ଏଥର ମଧ୍ୟ ସମାନ ଘଟଣା ଘଟୁଛି । ଆଜିକାଲି ଉତ୍ତରପ୍ରଦେଶର ଦୁଇଟି ବଡ ସହର ନୋଏଡା ଏବଂ ଗାଜିଆବାଦର ବାୟୁ ମଧ୍ୟ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଏହି ସହରଗୁଡ଼ିକରେ ପ୍ରଦୁଷଣ ବୃଦ୍ଧି ହେବାର କାରଣ ୟୁପି ସରକାର ଦେଇଛି । ନୋଏଡା ଏବଂ ଗାଜିଆବାଦରେ ‘ଅତ୍ୟନ୍ତ ଖରାପ’ ବାୟୁ ଗୁଣବତ୍ତା ପାଇଁ ପାକିସ୍ତାନ ଦାୟୀ ବୋଲି ରାଜ୍ୟ ସରକାର କହିଛନ୍ତି ।



ବାୟୁର ଗୁଣବତ୍ତା ୦ରୁ ୫୦ ମଧ୍ୟରେ ଏକ୍ୟୁଆଇକୁ ‘ଭଲ’ ବୋଲି ବିବେଚନା କରାଯାଏ, ୫୧ ରୁ ୧୦୦ ‘ସନ୍ତୋଷଜନକ’, ୧୦୧ ରୁ ୨୦୦ ‘ମଧ୍ୟମ’ ମଧ୍ୟରେ, ୨୦୧ ରୁ ୩୦୦ ‘ଖରାପ’ ମଧ୍ୟରେ, ୩୦୧ ରୁ ୪୦୦ ‘ଅତ୍ୟନ୍ତ ଖରାପ’ ଏବଂ ୪୦୧ ଓ ୫୦୦ ମଧ୍ୟରେ ଗମ୍ଭୀର ବୋଲି ବିବେଚନା କରାଯାଏ । ଗ୍ରେଟର ନୋଏଡାର ରାଜ୍ୟ ପ୍ରଦୂଷଣ ମନିଟରର ଜଣେ ବରିଷ୍ଠ ଅଧିକାରୀ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇଁ ପାକିସ୍ତାନକୁ ଦାୟୀ କରିଛନ୍ତି । ଚଳିତ ବର୍ଷ ଏହା ପ୍ରଥମ ଥର ପାଇଁ ନୋଏଡା, ଗ୍ରେଟର ନୋଏଡା ଏବଂ ଗାଜିଆବାଦର ତିନିଟି ସହରରେ ଗୋଟିଏ ଦିନରେ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ହୋଇଛି ଏବଂ ଏଥିପାଇଁ ଆମ ପଡୋଶୀ ଦେଶ ପାକିସ୍ତାନକୁ ଦାୟୀ କରାଯିବା ଉଚିତ ବୋଲି କହିଛନ୍ତି ।

ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡି.କେ ଗୁପ୍ତା କହିଛନ୍ତି ଯେ ନଡା ଜଳିବା ଘଟଣା ସୀମା ଦେଇ ବିଷାକ୍ତ ଧୂଆଁ ଆସୁଛି । ଏହା ନୋଏଡା ଏବଂ ଗାଜିଆବାଦ ବାୟୁରେ ଆସି ମିଶୁଛି । ଫଳରେ ବାୟୁ ବିଷାକ୍ତ ଧୂଆଁ ଉତ୍ତର ଭାରତ ଆଚ୍ଛାଦନ କରୁଛି । ଦିପାବଳୀ ପରେ ଏହି ଅବସ୍ଥା ଆହୁରି ଖରାପ ହେବାର ସମ୍ଭାବନା ରହିଛି । ପ୍ରଦୂଷଣ ପାଇଁ ୟୁପି ସରକାର ପାକିସ୍ତାନକୁ ଦାୟୀ କରିବାର ଏକ କାରଣ ଅଛି । ନୋଏଡା-ଗାଜିଆବାଦରେ ଏକ୍ୟୁଆଇ ୩୦୦ରୁ ଅଧିକ ହୋଇଥିବାବେଳେ ପାକିସ୍ତାନ ସହର ଲାହୋରରେ ସୋମବାର ଏହା ୭୦୦ ଅତିକ୍ରମ କରିଛି ।

ସୁସ୍ଥ ବାୟୁ ପାଇଁ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶାବଳୀଠାରୁ ପ୍ରାୟ ୬ ଗୁଣ ଅଟେ । ଲାହୋର ଭାରତୀୟ ସୀମାଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଯେଉଁ ସ୍ଥାନରେ ନଡା ପୋଡା ଯାଉଛି ସେହି ସ୍ଥାନରୁ ଧୂଆଁ ଦିଲ୍ଲୀରେ ପହଞ୍ଚିପାରେ । ସ୍ଥାନୀୟ ପବନ ବର୍ତ୍ତମାନ ଶୂନ, ଯେଉଁ କାରଣରୁ ପ୍ରଦୂଷକ ଜମା ହେଉଛି । ଗତ ସପ୍ତାହରେ ସୁପ୍ରିମକୋର୍ଟ ପଞ୍ଜାବ ଏବଂ ହରିୟାଣା ସରକାରଙ୍କୁ ନଡ଼ା ପୋଡି ଘଟଣାରେ ଭର୍ତ୍ସନା କରିଥିଲେ ।

# ଭିତ୍ତିହୀନ-ମିଛ ଅଭିଯୋଗ କରିବା ବନ୍ଦ କର

ନୂଆଦିଲ୍ଲୀ: ହରିୟାଣା ବିଧାନସଭା ନିର୍ବାଚନରେ ଅନିୟମିତତା ନେଇ କଂଗ୍ରେସର ସବୁ ଅଭିଯୋଗକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି । ନିର୍ବାଚନ ଆୟୋଗ ସମସ୍ତ ଅଭିଯୋଗକୁ ଭିତ୍ତିହୀନ, ଭୁଲ ଏବଂ ତଥ୍ୟହୀନ ବୋଲି ଦର୍ଶାଇଛନ୍ତି । କଂଗ୍ରେସ ଅଧକ୍ଷଙ୍କୁ ଚିଠି ଲେଖି ପ୍ରତିଥର ଏଭଳି ଭିତ୍ତିହୀନ ଅଭିଯୋଗ କରିବାଠାରୁ ବିରତ ରହିବା ପାଇଁ ନିର୍ବାଚନ ଆୟୋଗ ଚେତାଇଛନ୍ତି । ସାମାନ୍ୟ ସନ୍ଦେହ ସୃଷ୍ଟି କରିବା ପାଇଁ ନିର୍ବାଚନ ଆୟୋଗ କଂଗ୍ରେସକୁ ସମାଲୋଚନା କରିଛନ୍ତି । କଂଗ୍ରେସର ଅଭିଯୋଗ ଉପରେ ଭାରତୀୟ ନିର୍ବାଚନ କମିଶନ ୧୬୦୦ ପୃଷ୍ଠାର ଚିଠିରେ ଜବାବ ଦେଇଛନ୍ତି ।

ମତଦାନ ଏବଂ ମତଗଣନା ପରି ସମ୍ବେଦନଶୀଳ ସମୟରେ ଦାୟିତ୍ୱହୀନ ଅଭିଯୋଗ କରିବାଠୁ ଦୂରରେ ରହିବା ପାଇଁ କଂଗ୍ରେସକୁ ନିର୍ବାଚନ ଆୟୋଗ ଅପିଲ୍ କରିଛନ୍ତି । ଆୟୋଗ ଚିଠିରେ କହିଛନ୍ତି ଯେ ଦାୟିତ୍ୱହୀନ ଅଭିଯୋଗରେ ଜନତାଙ୍କ ମଧ୍ୟରେ ଅଶାନ୍ତି ଏବଂ ଅରାଜକତା ବ୍ୟାପିପାରେ । ନିର୍ବାଚନ ଆୟୋଗ ଏଥିପାଇଁ ଗତ ଏକ ବର୍ଷରେ ୫ ବିଶିଷ୍ଟ ମାମଲାକୁ ଉଲ୍ଲେଖ କରିଛନ୍ତି ।

ପ୍ରତି ନିର୍ବାଚନ ପରେ ଭିତ୍ତିହୀନ ଅଭିଯୋଗ ଏବଂ ଅପ୍ରତ୍ୟାଶିତ ରେଜଲ୍ଟରେ ପାର୍ଟି ଦ୍ୱାରା କରାଯାଉଥିବା ଟିପ୍ପଣୀ ଉପରେ ଆୟୋଗ କଡ଼ା ଅଭିମୁଖ୍ୟ ଦେଖାଇଛନ୍ତି । ଏହିପରି ଅଭିଯୋଗ ଏବଂ ଟିପ୍ପଣୀ ଉପରେ ଅଙ୍କୁଶ ଲଗାଇବା ପାଇଁ କଂଗ୍ରେସକୁ କହିଛନ୍ତି ।

ନିର୍ବାଚନ କମିଶନ କହିଛନ୍ତି ଯେ ହରିୟାଣାରେ ନିର୍ବାଚନରେ ପ୍ରତ୍ୟେକ ପର୍ଯ୍ୟାୟ ତ୍ରୁଟିହୀନ ଥିଲା ଏବଂ କଂଗ୍ରେସ ପ୍ରାର୍ଥୀ ଏବଂ ଏଜେଣ୍ଟଙ୍କ ନୀରିକ୍ଷଣରେ କରାଯାଇଥିଲା । ୨୬ ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଧିକାରୀ ବାରମ୍ବାର ଯାଞ୍ଚ କରିଛନ୍ତି । ପୂର୍ବରୁ ହରିୟାଣା ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରିସାରିଛନ୍ତି ।

ହରିୟାଣା ନିର୍ବାଚନରେ କଂଗ୍ରେସ ଇଭିଏମ ଉପରେ ପ୍ରଶ୍ନ ଉଠାଇଥିଲା । କଂଗ୍ରେସ ଅଭିଯୋଗ କରିଥିଲା ଯେ ୯୯% ବ୍ୟାଟେରି ଥିବା ଇଭିଏମରେ ବିଜେପି ଜିତିଛି । ଏବଂ ୬୦-୭୦% ବ୍ୟାଟେରି ଥିବା ଇଭିଏମ୍ କଂଗ୍ରେସ ଜିତିଛି । ମେସିନରେ ତ୍ରୁଟି ଏବଂ ଅଧିକାରୀମାନେ ଜାଣିଶୁଣି ମତଗଣନା ପ୍ରକ୍ରିୟାରେ ବିଳମ୍ବ କରିଥିବା କଂଗ୍ରେସ ଅଭିଯୋଗ କରିଥିଲା ।

ଉଲ୍ଲେଖଯୋଗ୍ୟ ଯେ ହରିୟାଣା ବିଧାନସଭାରେ ବିଜେପି ୯୦ରୁ ୪୮ ଆସନରେ ପ୍ରଚଣ୍ଡ ବହୁମତ ହାସଲ କରିଥିଲା । ଅନ୍ୟପଟେ ଶାସନ ବିରୋଧୀ ଲହରର ଲାଭ ଉଠାଇବାରେ ବିଫଳ ହୋଇଥିବା କଂଗ୍ରେସ କେବଳ ୩୭ ଆସନ ଜିତିବାରେ ସଫଳ ହେଲା ।

## ମହିଳା ଦିନିକିଆ ଶୃଙ୍ଖଳା

# ଭାରତକୁ ଜିତାଇଲେ ସ୍ମୃତି, ହରମନପ୍ରୀତ

ଅହମ୍ମଦାବାଦ, ୨୯।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାର ତୃତୀୟ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବିଜୟୀ ହୋଇ ୨-୧ରେ ଶୃଙ୍ଖଳା ପକେଟସ୍ଥ କରିଛି । ଅହମ୍ମଦାବାଦରେ ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ମହିଳା ଦଳ ୪୯.୫ ଓଭରରେ ୨୩୨ ରନ କରି ଅଲଆଉଟ ହୋଇଥିଲା । ଜବାବରେ ସ୍ମୃତି ମନ୍ଧାନାଙ୍କ ଶତକ (୧୦୦) ଓ ହରମନପ୍ରୀତ କୌରଙ୍କ ଅପରାଜିତ ୭୦ ରନ ସହାୟତାରେ ଭାରତୀୟ ମହିଳା ଦଳ ୪୫.୨ ଓଭରରେ ୪ ୱିକେଟ ହରାଇ ୨୩୬ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଦଳ ପକ୍ଷରୁ ଜର୍ଜିଆ ପ୍ଲିମର ୩୯, ବ୍ରୋକ୍ ହଲିଡେ ୮୬, ମାଡି ଗ୍ରୀନ ୧୫, ଇସାବେଲ ଗାଜେ ୨୫, ହାନାରୌ ୧୧, ଲି ତାହୁହୁ ଅପରାଜିତ ୨୪ ରନ କରିବାରୁ ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ସମସ୍ତ ୱିକେଟ ହରାଇ ୨୩୨ ରନ କରିଥିଲା । ଭାରତର ଦିପ୍ତୀ ଶର୍ମା ସର୍ବାଧିକ ୩ଟି, ପ୍ରିୟା ମିଶ୍ର ୨ଟି, ରେଣୁକା ସିଂହ ଓ ସାଇମା ଠାକୁର ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୨୩୩ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ମହିଳା ଦଳ ୧୬ ରନ୍‌ରେ ଓପ୍‌ନର ଶାଫଳି ବର୍ମା (୧୨)ଙ୍କୁ ହରାଇଥିଲା । କିନ୍ତୁ ସ୍ମୃତି ମନ୍ଧାନା, ଜସ୍ତିକା ଭାଟିଆ ଓ ଅଧିନାୟିକା ହରମନପ୍ରୀତ କୌର ଜମାଣିଆ ଇନିଂସ୍ ଖେଳି ନ୍ୟୁଜିଲାଣ୍ଡ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ । ସ୍ମୃତି ୧୨୨ ବଲ୍‌ରୁ ୧୦ଟି ଚୌକା ସହାୟତାରେ ୧୦୦ ରନ କରିଥିଲେ ।

ଜସ୍ତିକା ଭାଟିଆ ୪୯ ବଲ୍‌ରୁ ୩୫ ରନ, ହରମନପ୍ରୀତ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୬୮ ବଲ୍‌ରୁ ୭୦ ରନ ଓ ଜେମିମା ରୋଡ୍ରିଗୁଏଜ ୧୧ ରନ କରିଥିଲେ । ତେଣୁ ଭାରତୀୟ ମହିଳା ଦଳ ୩୪ଟି ବଲ୍ ପୂର୍ବରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲା ।



## ରୋହିତଙ୍କୁ ନେବା ପାଇଁ ୩ ଫ୍ରାଞ୍ଚାଇଜଙ୍କ ଉଦ୍ୟମ

ମୁମ୍ବାଇ, ୨୯।୧୦ (ଏଜେନ୍ସି): ଆଇପିଏଲ୍ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଇଥିଲା । ତାଙ୍କ ସ୍ଥାନରେ ହାର୍ଦିକ ପାଣ୍ଡ୍ୟାଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲା । ଏହାପରେ ରୋହିତ ଓ ମୁମ୍ବାଇ ଫ୍ରାଞ୍ଚାଇଜ ମଧ୍ୟରେ ତିକ୍ତତା ବଢ଼ିଥିଲା । ଏବେ ରୋହିତ ମୁମ୍ବାଇ ଟିମ୍ ସହିତ ରହିବାକୁ ଚାହୁଁନାହାନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଯଦି ମୁମ୍ବାଇ ତାଙ୍କୁ ରିଲିଜ କରେ ତେବେ ରୋହିତ ମେଗା ନିଲାମରେ ମୋଟା ଅଙ୍କର ଅର୍ଥ ହାସଲ କରିବେ । ୩ ଦଳ ରୋହିତଙ୍କୁ ନେବାପାଇଁ ବିଶେଷ ଆଗ୍ରହୀ ଅଛନ୍ତି । ପଞ୍ଜାବ କିଙ୍ଗସ୍ ଏପର୍ଯ୍ୟନ୍ତ ଆଇପିଏଲ୍ ଟାଇଟଲ ହାସଲ କରିପାରି ନାହିଁ । ରୋହିତଙ୍କ ମୁମ୍ବାଇ ୫ ଥର ଚାମ୍ପିଅନରେ ହୋଇଥିବାରୁ ତାଙ୍କ ଅଭିଜ୍ଞତାକୁ ପୁଞ୍ଜି କରି ପଞ୍ଜାବ ଚାମ୍ପିଅନ ହେବାପାଇଁ ଲକ୍ଷ୍ୟ ରଖିଛି । ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ରୋହିତଙ୍କୁ ନେବାପାଇଁ ଆଗ୍ରହ ପ୍ରକାଶ କରିଛି । ଦଳ ଏବେ ରିଷଭ ପନ୍ତଙ୍କୁ ରିଲିଜ କରିବ ବୋଲି ଯୋଜନା କରିଛି । ଯଦି ଏହା ହୁଏ ତେବେ ରୋହିତଙ୍କ ଉପଯୁକ୍ତ ଚୟନ ହେବ ବୋଲି ଫ୍ରାଞ୍ଚାଇଜ ଦୃଢ଼ ଆଶାରେ ରହିଛି । କିଛିଦିନ ତଳେ ବେଙ୍ଗାଲୁରୁ ପ୍ରଶଂସକ ରୋହିତଙ୍କୁ ଆର୍‌ସିବିରେ ଯୋଗଦେବାକୁ ଅନୁରୋଧ କରିଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଅନେକ ଖେଳାଳିଙ୍କୁ ବଦଳ କରିବାକୁ ଚାହୁଁଛି । ରୋହିତ ଶର୍ମା ଓ ବିରାଟ କୋହଲିଙ୍କ କମ୍ବିନେସନ ଆର୍‌ସିବିକୁ ଚାମ୍ପିଅନ କରାଇପାରେ ବୋଲି ଆଶା କରାଯାଉଛି । ଫ୍ରାଞ୍ଚାଇଜ ମଧ୍ୟ ହିଟ୍‌ମ୍ୟାନ୍‌ଙ୍କୁ ନେବା ପାଇଁ ଚାହିଁବ ।




# ଭାରତୀୟ ଟେଷ୍ଟ ଦଳରେ ହର୍ଷିତ ସାମିଲ



ନୂଆଦିଲ୍ଲୀ, ୨୯।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡଠାରୁ ଘରୋଇ ଟେଷ୍ଟ ଶୃଙ୍ଖଳା ହାରିସାରିଥିବା ଭାରତୀୟ ଦଳ ନଭେମ୍ବର ୧ରୁ ମୁମ୍ବାଇରେ ତୃତୀୟ ତଥା ଶେଷ ମ୍ୟାଚ୍ ଖେଳିବାକୁ ଯାଉଛି । ଏହି ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ଏକ ଅପ୍ରତ୍ୟାଶିତ ପରିବର୍ତ୍ତନ ଦେଖିବାକୁ ମିଳୁଛି । ରଣଜୀ ଟ୍ରଫିରେ କମାଲ କରିଥିବା ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇଛି । ମଙ୍ଗଳବାର ତାଙ୍କୁ ଡାକରା ମିଳିଥିବାବେଳେ ସେ ମଧ୍ୟ ଖୁବ୍‌ଶୀଘ୍ର ମୁମ୍ବାଇ ପହଞ୍ଚିବେ । ଦିଲ୍ଲୀର ଏହି ୨୨ ବର୍ଷୀୟ ଦ୍ରୁତ ବୋଲର ଘରୋଇ କ୍ରିକେଟ୍‌ରେ ଉଭୟ ବଲ୍ ଓ ବ୍ୟାଟ୍‌ରେ କମାଲ କରୁଛନ୍ତି । ତେଣୁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ସେହିପରି ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ମଧ୍ୟ ସେ ଡେବ୍ୟୁ କରିବେ ବୋଲି ଜଣାପଡ଼ିଛି । ଏହାର ଅର୍ଥ ସେ ଦିଲ୍ଲୀ ପାଇଁ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଖେଳିବେ ନାହିଁ । ସନ୍ଧ୍ୟାରେ ସେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲେ । ଏହା ପୂର୍ବରୁ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫି ପାଇଁ ଘୋଷଣା ହୋଇଥିବା ୧୮ ଜଣିଆ ଟେଷ୍ଟ ଦଳରେ ହର୍ଷିତ ରାଣାଙ୍କ ନାମ ଥିଲା । ବର୍ଡ଼ର ଗାଭାସ୍କର ଟ୍ରଫି ପୂର୍ବରୁ ତାଙ୍କର ଅସଲ ପରୀକ୍ଷା ମୁମ୍ବାଇ ଟେଷ୍ଟରେ ହେବ ।

ଦିଲ୍ଲୀ ପାଇଁ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ହର୍ଷିତ ରାଣା କମାଲ କରିଥିଲେ । ଆସାମ ବିପକ୍ଷ ମ୍ୟାଚ୍‌ରେ ସେ ୫ଟି ୱିକେଟ ନେବା ସହ ବ୍ୟାଟିଂରେ ୫୯ ରନର ଇନିଂସ ଖେଳିଥିଲେ । ତାଙ୍କର ଦମଦାର ପ୍ରଦର୍ଶନ ଯୋଗୁ ଦିଲ୍ଲୀ ୧୦ ୱିକେଟରେ ମ୍ୟାଚ୍ ଜିତିବା ସହ ବୋନସ ପଏଣ୍ଟ ମଧ୍ୟ ହାସଲ କରିଥିଲା । ଏହି ପ୍ରଦର୍ଶନ ଯୋଗୁଁ ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଟେଷ୍ଟ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଛି । ମୁମ୍ବାଇ ମ୍ୟାଚ୍‌ରେ ଦ୍ରୁତବୋଲର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ । ତେଣୁ ତାଙ୍କ ସ୍ଥାନରେ ହର୍ଷିତ ରାଣା ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

## ନଭେମ୍ବର ୧୬ରୁ ଉତ୍କଳ ଟ୍ରଫି

ଭଦ୍ରକ, ୨୯।୧୦ (ସବ୍ୟୁ): ଅଲ୍ ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘ ପକ୍ଷରୁ ଜିଲା ସଂସ୍କୃତି ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସର୍ବଭାରତୀୟ ଦିବ୍ୟାଙ୍ଗ ହ୍ୱିଲ୍ ଚେୟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉତ୍କଳ ଟ୍ରଫି ନାମରେ ଏକ କ୍ରୀଡା ରାନ୍ଦିଆ ସରପଂଚ ସ୍ୱପ୍ନାରାଣୀ ରାଉତରାୟ ଓ ଜିଲା କ୍ରୀଡା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲାର ରାନ୍ଦିଆସ୍ଥିତ ବେଦାନ୍ତ ଫେକର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପଦେଷ୍ଟା ଜ୍ଞାନପ୍ରକାଶ ପାଣି ଓ ଭଦ୍ରକ ସାଲନ୍ଦୀ କ୍ରିକେଟ୍ କ୍ଲବ୍‌ର କ୍ରୀଡା ସଂପାଦକ ସଂଜୀବ ଦାସ ଯୋଗଦେଇଥିଲେ। ଅଲ୍ ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘର ରାଜ୍ୟ ସଭାପତି ସୁନିତ କୁମାର ରାଉତ, ସଂପାଦକ ନାରାୟଣ ରାଉତ, ରାଜ୍ୟ କ୍ରୀଡା ସଂପାଦକ ଅଭୟ କୁମାର ଜେନା, ଭଦ୍ରକ ଜିଲା ସଭାପତି ପବିତ୍ର ମୋହନ ଜେନା, ସଂପାଦକ ଓ ରାଜ୍ୟ ମୁଖପାତ୍ର ପବିତ୍ର କୁମାର ନାୟକ ଆଜିର ଏହି ସାମ୍ବାଦିକ ସମ୍ମିଳନୀକୁ ପରିଚାଳନା କରିଥିବାବେଳେ ଏଥିରେ ଉପରୋକ୍ତ ସର୍ବଭାରତୀୟ ଦିବ୍ୟାଙ୍ଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତେଲେଙ୍ଗାନା ଭଳି ରାଜ୍ୟର ଦିବ୍ୟାଙ୍ଗ କ୍ରୀଡାବିତ୍‌ମାନେ ଯୋଗ ଦେଉଥିବା ନେଇ ସୂଚନା ଦେଇଛନ୍ତି। ଏହି ଦିବାରାତ୍ର ଖେଳ ଆସନ୍ତା ନଭେମ୍ବର ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।




# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ : ଫାଇନାଲରେ କିଟ୍

ଭୁବନେଶ୍ୱର, ୨୯।୧୦ (ସବ୍ୟୁ): ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ (ପୁରୁଷ ଓ ମହିଳା) ଟୁର୍ଣ୍ଣାମେଣ୍ଟରେ କିଟ୍‌ର ପ୍ରଦର୍ଶନ ଉଚ୍ଚକୋଟିର ରହିଛି । କିଟ୍‌ର ଲିଆଣ୍ଡର ପେସ୍ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ଫାଇନାଲରେ କିଟ୍ ପ୍ରବେଶ କରିଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନ କିଟ୍ ପୁରୁଷ ଦଳ ସେମିଫାଇନାଲରେ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ ୨-୦ ସେଟ୍‌ରେ ପରାସ୍ତ କରିଥିଲା । ଏତଦ୍‌ବ୍ୟତୀତ ମଣିପୁର ବିଶ୍ୱବିଦ୍ୟାଳୟ ୨-୦ ସେଟ୍‌ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ମହିଳା ସେମିଫାଇନାଲରେ କିଟ୍ ୨-୦ ସେଟ୍‌ରେ କିସ୍‌କୁ ହରାଇଥିଲା ।

ଅନ୍ୟ ଏକ ସେମିରେ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ୨-୦ ସେଟ୍‌ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ପୁରୁଷ ବର୍ଗର ତୃତୀୟ ସ୍ଥାନ ମ୍ୟାଚ୍‌ରେ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ୨-୦ ଗେମ୍‌ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ତଥା ମହିଳା ବର୍ଗରେ ଯାଦବପୁର ୨-୦ ସେଟ୍‌ରେ କିସ୍‌କୁ ହରାଇଥିଲା । ପୁରୁଷ ବର୍ଗର ଫାଇନାଲରେ କିଟ୍ ଓ ମଣିପୁର ମଧ୍ୟରେ ମହିଳା ବର୍ଗରେ କିଟ୍ ଓ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଧବାର ଖେଳାଯିବ ।

ଏତଦ୍‌ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିଅନସିପ୍ ଏବଂ ୫ମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି । ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍ ଖେଳାଳିଙ୍କୁ ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ତଥା ଫାଇନାଲରେ ବିଜେତା ହେବା ପାଇଁ ଶୁଭକାମନା ଜଣାଇଛନ୍ତି ।



## ସିଏଚ୍‌ଏସ୍‌ଇ ଆନ୍ତଃ କଲେଜ ରଗ୍‌ବୀ : କିସ୍ ଚାମ୍ପିଅନ

ଭୁବନେଶ୍ୱର, ୨୯।୧୦ (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଆନ୍ତଃ କଲେଜ ରଗ୍‌ବୀ ବାଳକ ଓ ବାଳିକା ପ୍ରତିଯୋଗିତା ସଫଳତାର ସହ କିଟ୍ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କିସ୍ ଉଭୟ ବାଳକ ଓ ବାଳିକା ବର୍ଗରେ ଚାମ୍ପିଅନ ହୋଇଛି । ବାଲେଶ୍ୱର ମାର୍କୋଣାର ସିମୁଳିଆ ଏଚ୍‌ଏସ୍ ସ୍କୁଲ ବାଳକ ବର୍ଗରେ ତଥା ବାରିପଦା ଏଚ୍‌ଏସ୍ ସ୍କୁଲ ବାଳିକା ବର୍ଗରେ ଉପବିଜେତା ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳି ଓ ଅଫିସିଆଲ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

## ମାଥ୍ୟୁ ୱାଦେଙ୍କ ଅବସର

ସିଡ୍‌ନୀ, ୨୯।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ୱିକେଟକିପର ବ୍ୟାଟର ମାଥ୍ୟୁ ୱାଦେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ଫଳରେ ଦୀର୍ଘ ୧୩ ବର୍ଷର କ୍ୟାରିୟରର ଅନ୍ତ ଘଟିଛି । ସେ ତାଙ୍କ କ୍ୟାରିଅରରେ ଅଷ୍ଟ୍ରେଲିଆ ପକ୍ଷରୁ ୨୨୫ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଟି-୨୦ ବିଶ୍ୱକପ୍‌ର ୩ଟି ସଂସ୍କରଣରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ୨୦୨୧ରେ ସେ ଦଳର ଦଳର ଉପଅଧିନାୟକ ଥିବାବେଳେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲା । ପାକିସ୍ତାନ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ସେ ୧୭ ବଲରୁ ୪୧ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ୩୬ଟି ଟେଷ୍ଟ ମ୍ୟାଚ୍‌ରୁ ୨୯.୮୭ ହାରରେ ୧୬୨୩ ରନ, ୯୭ଟି ଦିନିକିଆରେ ୧୮୬୭ ରନ ଏବଂ ୯୨ଟି ଟି-୨୦ରେ ୧୨୦୨ ରନ କରିଥିଲେ । ଆଗକୁ ସେ କୋଚିଂ ପ୍ରତି ଧ୍ୟାନ ଦେବେ ବୋଲି ସ୍ପଷ୍ଟ କରିଛନ୍ତି ।




## ରାଜ୍ୟସ୍ତରୀୟ ତାଇକୋଣ୍ଡୋ : ଛାଡ଼କଟା ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କୁ ସ୍ୱର୍ଣ୍ଣ

ବେତନଟୀ, ୨୯।୧୦ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଛାଡକଟା ଆଶ୍ରମ ବିଦ୍ୟାଳୟର ଛାତ୍ର ତାଇକୋଣ୍ଡୋ ପ୍ରତିଯୋଗୀତାରେ ପ୍ରଥମ ହୋଇ ଜିଲ୍ଲା ପାଇଁ ଗର୍ବ ଆଣି ଦେଇଛନ୍ତି । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସମେତ ବାଳକ ଟିମ୍ ମ୍ୟାନେଜର ଜିତେନ୍ଦ୍ର ଜୟସ୍ୱାଲ, ବାଳିକା ଟିମ୍ ମ୍ୟାନେଜର ଭାବେ ଖେଳ ଶିକ୍ଷକ ଜ୍ୟୋତିର୍ମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।

୨୭ କିଗ୍ରାରୁ ୨୯ କିଗ୍ରା ଓଜନ ବର୍ଗର ୧୪ ବର୍ଷରୁ କମ୍ ବାଳକ ବିଭାଗର ମୟୂରଭଞ୍ଜ ଛାଡକଟା ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶତ୍ରୁଘ୍ନ ମଲୁଆଳ ରାଜ୍ୟରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେ ବେତନଟୀ ଥାନା ଅନ୍ତର୍ଗତ ଜାମଶୋଳ ଗ୍ରାମର ପିତା ହରଶ୍ଚନ୍ଦ୍ର ମଲୁଆଳ ଓ ମାତା ବାସନ୍ତୀ ମଲୁଆଳଙ୍କ କନିଷ୍ଠ ପୁତ୍ର । ଏହି ସଫଳତା ପାଇଁ ଛାଡକଟା ଆଶ୍ରମ ବିଦ୍ୟାଳୟ ତରଫରୁ ଶତ୍ରୁଘ୍ନଙ୍କ ପିତା, ମାତା ଓ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହାପରେ ମଧ୍ୟପ୍ରଦେଶର ବିଦିଶାଠାରେ ହେବାକୁ ଥିବା ଜାତୀୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତରେ ଶତ୍ରୁଘ୍ନ ଭାଗ ନେଇ ଉତ୍ତମ ପ୍ରଦର୍ଶନ କରିବାକୁ ଆଶୀର୍ବାଦ କରିବା ସହିତ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।



**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି